ବର୍ଷ-୨୫, ସଂଖ୍ୟା-୧୧
ଭୁବନେଶ୍ୱର
୧୧, ଜାନୁଆରୀ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 11
Bhubaneswar
11, January, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ବିଶିଷ୍ଟ ପ୍ରବାସୀଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୧୦।୧(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶାର ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦଯାପନୀ ଅଧିବେଶନରେ ଯୋଗ ଦେଇ ଏହାକୁ ସମ୍ବୋଧିତ କରିଛନ୍ତି ଏବଂ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପ୍ରଦାନ କରିଛନ୍ତି। ୨୪ଟି ଦେଶର ୨୭ ବିଶିଷ୍ଟ ପ୍ରବାସୀଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପ୍ରବାସୀ ଭାରତୀୟଙ୍କୁ ସମ୍ମାନୀତ କରାଯାଇଛି।

ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ ପ୍ରବାସୀ ଭାରତୀୟମାନେ ଆମ ଦେଶର ସର୍ବୋତ୍ତମ ପ୍ରତିନିଧି। ସେମାନେ କେବଳ ଏହି ପବିତ୍ର ଭୂମିରେ ଅର୍ଜିତ ଜ୍ଞାନ ଏବଂ କୌଶଳକୁ ନିଜ ସହିତ ନେଇ ନାହାଁନ୍ତି, ବରଂ ହଜାର ହଜାର ବର୍ଷ ଧରି ଆମ ସଭ୍ୟତାର ମୂଳଦୁଆ ସାଜିଥିବା ମୂଲ୍ୟବୋଧ ଏବଂ ନୈତିକତାକୁ ମଧ୍ୟ ସାଙ୍ଗରେ ବହନ କରିଛନ୍ତି। ପ୍ରଯୁକ୍ତିବିଦ୍ୟା, ଭେଷଜ,



କଳା କିମ୍ବା ଉଦ୍ୟମିତା କ୍ଷେତ୍ରରେ, ପ୍ରବାସୀ ଭାରତୀୟମାନେ ଏପରି ଏକ ପ୍ରଭାବ ସୃଷ୍ଟି କରିଛନ୍ତି ଯାହାକୁ ବିଶ୍ୱ ସ୍ୱୀକାର ଏବଂ ସମ୍ମାନ କରିଥାଏ।

ରାଷ୍ଟ୍ରପତି ସମସ୍ତ ପ୍ରବାସୀ ଭାରତୀୟ ସମ୍ମାନ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ସେମାନଙ୍କ ସଫଳତାର କାହାଣୀ କେବଳ ଭାରତ ପାଇଁ ଗର୍ବର ବିଷୟ ନୁହେଁ, ବରଂ ଏହା ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କୁ ଉତ୍କର୍ଷତା ଲାଗି ପ୍ରୟାସ କରିବା ନିମନ୍ତେ ପ୍ରେରଣା ମଧ୍ୟ ଦେଇଥାଏ। ସେ ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟର ରାଷ୍ଟ୍ରପତି ମହାମହିମ କ୍ରିଷ୍ଟିନ କାଙ୍ଗାଲୁଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ ଯେ ମହିଳା ଓ ପ୍ରବାସୀ ଭାରତୀୟଙ୍କ ଉପରେ ବିଶେଷ ଧ୍ୟାନ ଦେଇ ତାଙ୍କ ରାଷ୍ଟ୍ରର ନେତୃତ୍ୱ ନେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ବିଶ୍ୱ ମଂଚରେ ଏକ ଉଚ୍ଚ ମାନଦଣ୍ଡ ସ୍ଥାପନ କରିଛି।

ରାଷ୍ଟ୍ରପତି ଖୁସିର ସହିତ ଉଲ୍ଲେଖ କରିଥିଲେ ଯେ ପ୍ରବାସୀ ଭାରତୀୟ ଦିବସ କେବଳ ଏକ କାର୍ଯ୍ୟକ୍ରମ ଠାରୁ ଅଧିକ ବ୍ୟାପକ ହୋଇଯାଇଛି। ସେ କହିଥିଲେ ଯେ ଏହା ଏପରି ଏକ ମଂଚ ଯେଉଁଠାରେ ଭିନ୍ନଭିନ୍ନ ବିଚାର ସମ୍ମିଳିତ ହୋଇଥାଏ, ସହଯୋଗ ସୃଷ୍ଟି ହୋଇଥାଏ ଏବଂ ଭାରତ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ବନ୍ଧନ ସୁଦୃଢ଼ ହୋଇଥାଏ।

ରାଷ୍ଟ୍ରପତି କହିଲେ ଯେ ୨୦୪୭ ମସିହା ସୁଦ୍ଧା ଆମ ଦେଶ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା ଏକ ଜାତୀୟ ଅଭିଯାନ ଯେଉଁଥିରେ ବିଦେଶରେ ରହୁଥିବା ବ୍ୟକ୍ତିଙ୍କ ସମେତ ପ୍ରତ୍ୟେକ ଭାରତୀୟଙ୍କ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ଆବଶ୍ୟକ। ସେ କହିଥିଲେ ଯେ ପ୍ରବାସୀ ଭାରତୀୟମାନେ ଏହି ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କର ବିଶ୍ୱବ୍ୟାପୀ ଉପସ୍ଥିତି ସେମାନଙ୍କୁ ଏକ ଅନନ୍ୟ ଦୃଷ୍ଟିକୋଣ ପ୍ରଦାନ କରିଥାଏ ଏବଂ ସେମାନଙ୍କର ସଫଳତା ଏକ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ସାକାର କରିବାରେ ସହାୟକ ହୋଇଥାଏ । (ପୃ-୭)

## ଓଡ଼ିଆ ସଂସ୍କୃତି ଓ ପର୍ଯ୍ୟଟନକୁ ବିଦେଶରେ ପ୍ରବାସୀମାନେ ପ୍ରଚାର ପ୍ରସାର କରିବେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧(ମହାଭାରତ): ପ୍ରବାସୀ ଭାରତୀୟ ସମ୍ମିଳନୀରେ ଉଦଯାପାନୀ ଦିବସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଆଗମନ ଆମକୁ ଗୌରବନ୍ୱିତ କରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରବାସୀଙ୍କ ସୁଖସମୃଦ୍ଧି କାମନା କରିଛନ୍ତି । ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ଦ୍ୱାରା ଓଡ଼ିଆ ଅସ୍ମିତା ନୂଆ ଉଚ୍ଚତରେ ପହଂଚି ପାରିଛି । ଆଶା କରୁଛି ଓଡ଼ିଆ କଳା, ସଂସ୍କୃତି ଏବଂ ପର୍ଯ୍ୟଟନକୁ ବିଦେଶରେ ପ୍ରବାସୀ ମାନେ ପ୍ରଚାର ପ୍ରସାର କରିବେ । ଓଡ଼ିଶାରେ ଆୟୋଜନ (ପୃ-୭)

## ଓଡ଼ିଶାରେ ସ୍ୱାଭିମାନ ଓ ଗଣତନ୍ତ୍ରର ମୂଳ ଗଭୀରତା ରହିଛି : ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୧(ମହାଭାରତ): ପ୍ରାଚୀନ କାଳରୁ ଓଡ଼ିଶା ଜଗତୀକରଣର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଆଜି ପ୍ରବାସୀ ଭାରତୀୟ ସମ୍ମେଳନର ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ହଜାର ହଜାର ବର୍ଷ ଧରି ଓଡ଼ିଶାରୁ ପ୍ରବାସୀ ଓଡ଼ିଆ ମାନେ ଶ୍ରୀଲଙ୍କା ଓ ଦକ୍ଷିଣ-ପୂର୍ବ ଏସିଆରେ ବାଣିଜ୍ୟ ବ୍ୟବସାୟ କରିଥିଲେ । କାର୍ତ୍ତିକ ମାସରେ ଓଡ଼ିଆମାନେ ବେପାର ବାଣିଜ୍ୟ ପାଇଁ ବିଦେଶ ଯାଇଥାନ୍ତି ସେଥିପାଇଁ ତ ଆମେ ପ୍ରବାସୀ ଭାରତୀୟ । ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ପରମ୍ପରା ଏବେ ବି ବିଶ୍ୱରେ, ବିଶେଷ କରି ସାଉଥ୍ – ଇଷ୍ଟ ଏସିଆରେ ଦେଖାଯାଉଛି । ଅପରପକ୍ଷରେ ପ୍ରଧାନମନ୍ତ୍ରୀ (ପୃ-୭)

# ପ୍ରବାସୀ ଓଡ଼ିଆଙ୍କ ପାଇଁ ମନ୍ତ୍ରୀଙ୍କୁ ନୋଡାଲ୍ ଦାୟିତ୍ୱ

ଭୁବନେଶ୍ୱର,୧୦।୧(ମହାଭାରତ): ଜନତା ମଇଦାନଠାରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦଯାପନୀ ସଂଧାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଏକ ଆଲୋଚନା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆଲୋଚନାରେ ପ୍ରବାସୀ ଓଡ଼ିଆମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦେଶ ମାଟିରେ ଆପଣମାନେ ଦୁଇ ଦେଶ ମଧ୍ୟରେ ସଂପର୍କର ସେତୁ ହୋଇପାରିଛନ୍ତି। ଆମ ସଂସ୍କୃତି ଓ ପରମ୍ପରାର ପ୍ରଚ୍ଚର ପ୍ରସାର କରୁଛନ୍ତି। ଆପଣମାନେ ପ୍ରବାସରେ ରହି ମଧ୍ୟ ଓଡ଼ିଶାର ବିକାଶ ଓ ଅସ୍ମିତାର ସୁରକ୍ଷା ବିଷୟରେ ଚିନ୍ତା କରୁଛନ୍ତି ଓ ସେ ଦିଗରେ କାମ ମଧ୍ୟ କରୁଛନ୍ତି ।

ସେ ଆହୁରି ମଧ୍ୟ କହିଥିଲେ ଯେ, ଆଜି ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଆମକୁ ଏକ ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପର ଅବସର ଆଣିଦେଇଛି ।ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର



ବିକାଶ ପାଇଁ ଡବଲ ଇଞ୍ଜିନ୍ ସହ ତୃତୀୟ ଇଞ୍ଜିନ୍ ଭାବେ ପ୍ରବାସୀ ଇଞ୍ଜିନ୍ ଯୋଡ଼ି ହୋଇଛି। ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ, ଓଡ଼ିଶା ଏବେ ସମୃଦ୍ଧି ପଥରେ ଅଗ୍ରସର ହେବା ପାଇଁ ଯାତ୍ରା ଆରମ୍ଭ କରିସାରିଛି। ଆପଣମାନେ ବିଭିନ୍ନ ଦେଶରେ ରହୁଛନ୍ତି। ଆପଣମାନଙ୍କ ମଧ୍ୟରେ ସଫଳ ଶିଳ୍ପପତି, ପ୍ରଫେସନାଲ ଓ ଟେକ୍ନୋକ୍ରାଟମାନେ ମଧ୍ୟ ଅଛନ୍ତି । ଏ ଯାତ୍ରାରେ ଆପଣମାନେ ସାମିଲ ହେବା ଅତ୍ୟନ୍ତ ଜରୁରୀ।

ଏହି ଅବସରରେ ପ୍ରବାସୀ ଓଡ଼ିଆମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ଓ ସେମାନେ ଓଡ଼ିଶାର ବିକାଶ ପାଇଁ ରହୁଁଥିବା ବିଷୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଓଡ଼ିଶାର ଜଣେ ମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଦାୟିତ୍ୱରେ ରହିବେ। ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ମଧ୍ୟ ପ୍ରଣୟନ କରାଯିବ। ରାଜ୍ୟ ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏହାର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ସହଯୋଗରେ ବର୍ତ୍ତମାନେ ଓଡ଼ିଶାରେ ବିମାନ (ପୃ-୭)

# ହଂସିକା ଓ ଅନୀଲଙ୍କ ବିପୁଳ ସମ୍ପତ୍ତି

ଭୁବନେଶ୍ୱର,୧୦।୧(ମହାଭାରତ): ଦିନ ଯେତିକି ଗଡୁଛି ଠକେଇ ରାଣୀ ହଂସିକା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କ ମୁଖା ଖୋଲୁଛି। ପ୍ରତିଦିନ ପୂଳା ପୂଳା ଫ୍ଲାଟ୍ ମିଳୁଛି। ଯେଉଁ ଇମ୍ପୋର୍ଟେଡ୍ କମ୍ପାନୀ ଖୋଜିବ, ସେ ବ୍ରାଣ୍ଡର ଦାମୀ କାର ମିଳୁଛି ।ତାସଙ୍ଗଙ୍କୁ ହାଇପ୍ରୋଫାଇଲ ଲାଇଫ୍ ଷ୍ଟାଇଲ୍ ୫୦ ଲକ୍ଷ ଉଡ଼ାଇ ବାର୍ଥ ଡେ ସେଲିବ୍ରେସନ କରିଥିବାର ଭିଡିଓ ଏବେ ଭାଇରାଲ ହେଉଛି। ବର୍ତ୍ତମାନ ସୁଦ୍ଧା ଉଭୟଙ୍କ ସମ୍ପତ୍ତି ୧୦୦ କୋଟି ଅତିକ୍ରମ କଲାଣି। ଯେଉଁଥିରେ ରହିଛି ଦାମୀ ଫ୍ଲାଟ୍, ନାମୀଦାମୀ କାର୍।



ଗତ ଡିସେମ୍ବର ୨୪ ତାରିଖରେ ଅନୀଲ ମହାନ୍ତିଙ୍କ ବର୍ଥ ଡେ ସେଲିବ୍ରେସନ୍ କରାଯାଇଥିଲା। ଆଖି ଝଲସା ଭଳି ପର୍ଟିରେ କେକ୍ କାଟିଥିଲେ। ଅନୀଲ୍ ତାଙ୍କୁ ଉପହାର ସ୍ୱରୁପ ଦିଆଯାଇଥିଲା ଲଗ୍‌ଜୁରିୟସ୍ କାର୍ ଆଉ କାର୍ ପାଖରେ ଛିଡ଼ା ହୋଇ ଫଟୋ ଉଠାଇଥିଲେ ଠକେଇ ରାଣୀ ହଂସିକା ଅଭିଲିପ୍ସା। ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ସେହି ଭିଡିଓକୁ ନେଇ ତଦନ୍ତ ଚଳାଇଛି ପୁଲିସ।

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଆୟକର ବିଭାଗ ଗଲା ୪ଦିନ ହେଲା ହଂସିକା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କ ଗୁପ୍ତ ଆର୍ଥିକ ସାମ୍ରାଜ୍ୟ ଭିତରକୁ ଯେତିକି ପଶୁଛି ସେତିକି ସଂପତ୍ତିର ରହସ୍ୟ ଭେଦ କରୁଛି। ବର୍ତ୍ତମାନ ସୁଦ୍ଧା ଏମାନଙ୍କ ସଂପତ୍ତି ୧୦୦ କୋଟି ପାର କରି ସାରିଥିବା ବେଳେ ତାଭିତରେ ରହିଛି ୫୮ କୋଟିର ବେନାମୀ ସଂପତ୍ତି ରହିଛି। ତାସହ ଆହୁରି ୧୭ (ପୃ-୭)

## ଖୋଲିଲା ପ୍ରବାସୀ ଭାରତୀୟ ଦିବସ ପ୍ରଦର୍ଶନୀ

**ଭୁବନେଶ୍ୱର,୧୦।୧(ମହାଭାରତ):** ଭୁବନେଶ୍ୱରର ଜନତା ମଇଦାନରେ ଚାଲିଥିବା ପ୍ରବାସୀ ଭାରତୀୟ ଦିବସ ପ୍ରଦର୍ଶନୀ ଜାନୁଆରୀ ୧୧ ରୁ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତଙ୍କ ପାଇଁ ଜାନୁଆରୀ ୧୨ ସନ୍ଧ୍ୟା ପର୍ଯ୍ୟନ୍ତ ଉପଲବ୍ଧ ରହିବ।

ଏହି ପ୍ରଦର୍ଶନୀ ପ୍ରବାସୀ ଭାରତୀୟ ଦିବସ ପାଳନର ଏକ ଅଂଶ, ଯାହା ବିଭିନ୍ନ କ୍ଷେତ୍ରରେ ଭାରତୀୟ ପ୍ରବାସୀଙ୍କ ଅବଦାନକୁ ସମ୍ମାନିତ କରିଥାଏ ପରିଦର୍ଶକମାନେ ବିଶ୍ୱସ୍ତରୀୟ ଭାରତୀୟ ସମ୍ପ୍ରଦାୟର ସଫଳତା ସହିତ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରୁଥିବା ପ୍ରଦର୍ଶନୀ ସହିତ ଜଡିତ



ପ୍ରବାସୀ ଭାରତୀୟ ଦିବସ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ହେବାର ଅନନ୍ୟ ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଆଲୋଚନା ଏବଂ ସାଂସ୍କୃତିକ ଆଦାନପ୍ରଦାନ ପାଇଁ ଏକ ମଞ୍ଚ ପ୍ରଦାନ କରି ଭାରତ ଏବଂ ଏହାର ପ୍ରବାସୀଙ୍କ ମଧ୍ୟରେ ସଂଯୋଗକୁ ମଜବୁତ କରିବା। ଏହା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ କଳାରେ ଭାରତର ପଦକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରେ, ପ୍ରଦର୍ଶିତ କରେ ଯେ ପ୍ରବାସୀମାନେ ଦେଶର ପ୍ରଗତିରେ କିପରି ଅବଦାନ ଦେଇପାରିବେ। (ପୃ-୭)

# ବିଶାଳଙ୍କୁ ଛାଡ଼ିଲା ଛତିଶଗଡ଼ ପୁଲିସ

**ଝାରସୁଗୁଡ଼ା,୧୦।୧ (ମହାଭାରତ)** : ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ସରାଇପାଲି, ଭଅଁରପୁର ଓ ସଙ୍କରା ଥାନାରେ ଗତକାଲି ଠାରୁ ଅଟକ ଥିବା ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ପୁଅ ବିଶାଳ ଦାସ ଓ ତାଙ୍କ ସମର୍ଥକମାନଙ୍କୁ ପୁଲିସ ଆଜି ଅପରାହ୍ଣରେ ଛାଡ଼ିଦେଇଛି। ସେଠାକାର ପୁଲିସ ବିଏନ୍ଏସ୍ ୩୫-ବିରେ ନୋଟିସ୍ କରି ଛାଡ଼ିଲା। ଏହା ପରେ ବିଶାଳ ଓ ତାଙ୍କ ସହଯୋଗୀମାନେ ଥାନାରୁ ବାହାରିଛନ୍ତି। ସେମାନେ ରାତି ସୁଦ୍ଧା ଝାରସୁଗୁଡ଼ାରେ ପହଞ୍ଚିବେ ବୋଲି ଆଶଙ୍କା କରାଯାଉଛି। ବିଶାଳ ଦାସ ଓ ତାଙ୍କ ସମର୍ଥକଙ୍କ ନାମରେ ବିଏନ୍ଏସ୍ ଧାରା ୩୩୧ (୪) ଓ ୧୯୧ (୨)ରେ ମାମଲା ରୁଜୁ ହୋଇଛି।



ଏହି ଘଟଣା ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଛତିଶଗଡ଼ ସରେଇପାଲି ଥାନାରେ ଅଟକ ଅଛନ୍ତି ପିଆରଆଇ ସଦସ୍ୟ। ପିଆରଆଇ ସଦସ୍ୟଙ୍କୁ ଛାଡିବା ସହ ସେମାନଙ୍କର ସୁରକ୍ଷା ଦାବି କଲେ ନବୀନ। ଆଜ ଦିନ ୧୦ଟା ୩୦ରେ ସେମାନେ ଅନସ୍ଥାରେ ଭୋଟ ଭାଗ ନେଇଥାନ୍ତେ। ଅଟକ ପିଆରଆଇ ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ଅନେକ ମହିଳା ସଦସ୍ୟା। ଏଥିପାଇଁ କିର୍ମିରା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ ସ୍ଥଗିତ କରାଯାଇଛି। ଚକ୍ରାନ୍ତ କରି ସ୍ଥଗିତ କରାଯାଇଥିବା ଅଭିଯୋଗ ହୋଇଛି। ବିଜେଡି ନେତା ବିଶାଳ ଦାସଙ୍କୁ ମଧ୍ୟ ଛତିଶଗଡ଼ ପୁଲିସ ଅଟକ ରଖିଛି। ବିଶାଳଙ୍କ ସହ ପିଆରଆଇ ସଦସ୍ୟଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏହି ଘଟଣାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ନବୀନ।

ଗତକାଲି ରାତି ପ୍ରାୟ ୧ଟା ସମୟରେ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ସରେଇପାଲିର ହୋଟେଲ ରାଧିକା ଇନରେ ବଳପୂର୍ବକ ପ୍ରବେଶ, ଆତଙ୍କ ସୃଷ୍ଟି କରିବା ଆଦି ଅଭିଯୋଗରେ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ଭାଇ ବିଶାଳ ଦାସ ଓ ଅନ୍ୟ ୧୨ ଜଣଙ୍କ ନାମରେ ମାମଲା (ପୃ-୭)

# ନାରୀ ଶକ୍ତି ଆମ ବିଶ୍ୱାସ ଓ ଅନ୍ତର୍ନିହିତ ସ୍ୱଭାବ : ଜୟଶଙ୍କର

ଭୁବନେଶ୍ୱର,୧୦।୦୧ (ମହାଭାରତ): ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମେଳନର ଅନ୍ତିମ ଦିବସ ଆଦର୍ଶ ମହିଳା ପ୍ରବାସୀ : ମହିଳାଙ୍କ ନେତୃତ୍ୱ ଓ ପ୍ରଭାବ - ନାରୀ ଶକ୍ତି ପ୍ରସଙ୍ଗ ଆଧାରିତ ପୂର୍ଣ୍ଣାଙ୍ଗ ଅଧିବେଶନରୁ ପ୍ରାରମ୍ଭ ହୋଇଥିଲା। ଏହି ଅଧିବେଶନରେ ଅଧ୍ୟକ୍ଷତା କରି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ. ଏସ୍. ଜୟଶଙ୍କର ବିକଶିତ ଭାରତ ନିର୍ମାଣରେ ନାରୀ ଶକ୍ତିର ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନାରୀ ପୁରୁଷ ଲିଙ୍ଗଗତ ବିବିଧତାକୁ ଆଧାରକୁ ନ ନେଇ ବିଭିନ୍ନ କ୍ଷେତ୍ରରେ ଦକ୍ଷତାକୁ ଗୁରୁତ୍ୱ ଦେବା ଉପରେ ଏହି ଆଲୋଚନା ଚକ୍ରରେ ଗୁରତ୍ୱ ଦିଆଯାଇଥିଲା।

କେନ୍ଦ୍ର ମନ୍ତ୍ରୀ ଡଃ. ଏସ୍. ଜୟଶଙ୍କର କହିଥିଲେ ଯେ, ମହିଳାମାନଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ, ଶିକ୍ଷା ସୁନିଶ୍ଚିତ କରିବା ସହସାମାଜିକ ବୈଷମ୍ୟ ଦୂର କରି ସେମାନଙ୍କ ଦକ୍ଷତାକୁ ଉଚିତ ସମ୍ମାନ ଜଣାଇବା ନିମନ୍ତେ ସରକାର



ପ୍ରତିଶ୍ରୁତିବଦ୍ଧ । ଭାରତ ସରକାରଙ୍କ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମାତୃକାଳୀନ ଛୁଟି ଅବଧିକୁ ୨୬ ସପ୍ତାହକୁ ବୃଦ୍ଧି, ମୁଦ୍ରା ଯୋଜନାରେ ୩୦ କୋଟି ମହିଳା ଉଦ୍ୟୋଗୀଙ୍କୁ ଋଣ, ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାଙ୍କ ସଂଖ୍ୟାରେ ୨୮% ବୃଦ୍ଧି, ସୁକନ୍ୟା ସମୃଦ୍ଧି ଯୋଜନାରେ ୩୨ ନିୟୁତ ବ୍ୟାଙ୍କ ଖାତା ଖୋଲାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ୧୦୦ ନିୟୁତରୁ ଊର୍ଦ୍ଧ୍ୱ ଧୂଆଁ ମୁକ୍ତ ପାକଶାଳା, ୪୦ ନିୟୁତ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ମଧ୍ୟରେ ୭୨ % ମହିଳାଥିବା ସେ ପ୍ରକାଶ କରିଥିଲେ। ମହିଳା ସଶକ୍ତିକରଣ ସହିତ ମହିଳା ନେତୃତ୍ୱ ଦ୍ୱାରା ବିକାଶକୁ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଦର୍ଶ ମହିଳା ପ୍ରବାସୀ ମାନଙ୍କୁ ସେ ପ୍ରଶଂସା କରିବା ସହ ସେମାନଙ୍କ ଉପଲବ୍ଧି ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ। ଜି-୨୦ ସମ୍ମେଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳା ମାନଙ୍କ ଦକ୍ଷତା ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତରେ ଏହି ବିଶ୍ୱସମ୍ମିଳନୀକୁ ଏକ ମଞ୍ଚଭାବେ ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିବା ସେ ସ୍ମରଣ କରିଥିଲେ।

ଇସ୍ରୋର ବୈଜ୍ଞାନିକ ତଥା ଭାରତର ରକେଟ୍ ମହିଳା ଭାବେ ପରିଚିତ ଡ. ରିତୁକରି ଧାଲଙ୍କ ସଂଚାଳନରେ ଅନୁଷ୍ଠିତ ଏହି ଅଧିବେଶନରେ ଜାମାଇକା ପ୍ରୋମୋଶନ ସ୍କର୍ପୋରେସନର ଅଧକ୍ଷା ଶୁଲ୍ଲେଟ୍କ୍ସ, ପିଟିଇନ୍ଦୋଟେକ ସଲ୍ୟୁସନର ନିର୍ଦ୍ଦେଶିକା ଓ ସହସଭ୍ରାଧି କାରିଣୀ, ଜାକର୍ତ୍ତାର ଇଣ୍ଡୋଇଣ୍ଡିଆନ୍ସ ଡଟ୍ କମ୍ରସଂସ୍ଥାପିକା, ଇଣ୍ଡୋନେସିଆଇଣ୍ଡିଆ ବିଜନେସ୍ ଫୋରମ (ଆଇଆଇବିଏଫ)ର ଅଧକ୍ଷା ତଥା ଅନ୍ତଃରାଷ୍ଟ୍ରୀୟ ମହିଳାଙ୍କ ଔଦ୍ୟୋଗିକ ସମସ୍ୟାର ବୈଶ୍ୱିକ ରାଜଦୂତ ପୁନମ ସାଗର, ତାଞ୍ଜାନିଆରେ (ପୃ-୭)

## ମକର ମେଳା ପାଇଁ ଟି-ସେତୁ ଉପରେ କଟକଣା

**କଟକ,୧୦।୧ (ମହାଭାରତ)** : ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆସନ୍ତା ମକର ସଂକ୍ରାନ୍ତି ଅବସରରେ ଜାନୁଆରୀ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆଠଗଡସ୍ଥିତ ପ୍ରଭୁ ସିଂହନାଥ ପୀଠ ଠାରେ ମକର ମେଳା ଏବଂ ଉତ୍ସବର ଭବ୍ୟ ଆୟୋଜନ କରାଯାଉଛି। ଏହି ମେଳାରେ କଟକ ସମେତ ଅନ୍ୟାନ୍ୟ ଆଖପାଖ ଜିଲାମାନଙ୍କରୁ ପୂଜା ଅର୍ଚନା ନିମନ୍ତେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ଜନସମାଗମ ହେବାର ଅଛି।



ଏହାକୁ ଦୃଷ୍ଟିରେ ରଖି ସିଂହନାଥ ପୀଠକୁ ସଂଯୋଗ କରୁଥିବା ବୈଦେଶ୍ୱର-ବଡ଼ମ୍ବା, ଟି-ସେତୁ ଉପରେ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ଯେପରି କୈଣସି ଅଘଟଣ ନ ଘଟେ ସେଥିପ୍ରତି ଜିଲା ଓ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଅଛି।

ଏହି ଉତ୍ସବ ସମୟରେ ଉକ୍ତ ସେତୁ ଉପରେ ଯାନବାହନ ଯାତାୟାତ ନିମନ୍ତେ କଟକଣା ଜାରି କରାଯିବା ସହ ନୟାଗଡ ପଟୁ ବଡମ୍ବା ଆସୁଥିବା ସମସ୍ତ ଯାନବାହନ ଗୁଡିକୁ ସିଦ୍ଧମୂଳା ସେତୁ ଦେଇ ବଡମ୍ବା ଅଭିମୁଖେ ଗତି କରିବ, ସେହି ଭଳି ବଡମ୍ବା ପଟୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଯାଉଥିବା ଯାନବାହନ ଗୁଡିକ ଜାତମୁଣ୍ଡିଆ। ସେତୁ ଦେଇ ଗତି କରିବ। ଏହି ମେଳା ସମୟରେ ଯାନବାହାନ ଚଳାଚଳର ନିୟନ୍ତ୍ରଣ, କଟକଣା ଓ ଗତିପଥ ପରିବର୍ତ୍ତନ ସମ୍ବନ୍ଧରେ ପୋଲିସେ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



..... ପରଦା ଖବର .....

## କର୍କଟ ଖବର ଶୁଣି ମିଠା ଖାଇଥିଲେ ହୀନା

ଅଭିନେତ୍ରୀ ହୀନା ଖାଁ କର୍କଟ ରୋଗରେ ପୀଡ଼ିତ ହେବା ପରଠାରୁ କ୍ରମାଗତ ଚର୍ଚ୍ଚାରେ ରହି ଆସୁଛନ୍ତି । ସେ ଯେଉଁଭଳି ସାହସିକତାର ସହ ପରିସ୍ଥିତିର ମୁକାବିଲା କରୁଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛିୟ ଖରାପ ସମୟରେ ବି ହୀନାଙ୍କର ସକାରାତ୍ମକ ରହିପାରିବାର ଗୁଣକୁ ଦେଖି ତାଙ୍କ ପ୍ରଶଂସକଙ୍କ ସଂଖ୍ୟା ଢେର୍ ବିଯାଇଛିୟ ନିକଟରେ ହୀନାଙ୍କୁ ରିୟାଲିଟି ସୋ' 'ଇଣ୍ଡିଆଜ୍ ବେଷ୍ଟ୍ ଡ୍ୟାନ୍ସର୍ ବନାମ୍ ସୁପର୍ ଡ୍ୟାନ୍ସର୍' ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ



ଦେଖିବାକୁ ମିଳିଥିଲା । ସେଠାରେ ସେ ତାଙ୍କ କର୍କଟ ସହ ଲଢେ଼ ବିଷୟରେ ବର୍ଣ୍ଣନା କରିଥିଲେ । ତାଙ୍କ କହିବାନୁସାରେ, କର୍କଟ ହୋଇଛି ବୋଲି ସେ ଡାକ୍ତରଙ୍କ ମୁହଁରୁ ଶୁଣି ନଥିଲେ, ପ୍ରଥମେ ତାଙ୍କ ପ୍ରେମିକ ତାଙ୍କୁ ଏହି ଖବର ଦେଇଥିଲେ । ପ୍ରେମିକ ରକିଙ୍କ ଠାରୁ ଏହା ଜାଣିବା ପରେ ସେ ଆଦେ ବିଚଳିତ ହୋଇ ନଥିଲେ । ଖବର ପାଇବାର ୧୦ ମିନିଟ୍ ପରେ ପରିବାର ସହ ମିଶି ସେ ମିଠା ଖାଇଥିଲେ ।ରିପୋର୍ଟ ଆସିବା ପୂର୍ବରୁ ହୀନା ତାଙ୍କ ଭାଇଙ୍କୁ କହିଥିଲେ, ''ମୋର ଫାଲୁଦା ଖାଇବାକୁ ଇଚ୍ଛା ହେଉଛି ।'' ସେଥିପାଇଁ ତାଙ୍କ ଘରକୁ ସେଦିନ ମିଠା ଆସିଥିଲା । ଆଉ କର୍କଟ କଥା ଜାଣିବା ପରେ ହୀନାଙ୍କୁ ଲାଗିଲା ଘରକୁ ମିଠା ଆସିଛି ମାନେ ନିଶ୍ଚୟ ଭଲ ହିଁ ହେବ । ଏହାପରେ ପରିବାରର ସମେସ୍ତ ମିଶି ମିଠା ଖାଇଥିଲେ ।ଅଭିନେତ୍ରୀ ହୀନା ୨୦୨୪ ଜୁନ୍ ୨୮ ତାରିଖରେ କର୍କଟ ରୋଗର ତୃତୀୟ ସ୍ତରରେ ଅଛନ୍ତି ବୋଲି ଜଣାପଡ଼ିଥିଲା । ହୀନାଙ୍କୁ କର୍କଟ ହୋଇଥିବା ଶୁଣି ପ୍ରଶଂସକମାନେ ଭାଙ୍ଗି ପଡ଼ିଥିବା ବେଳେ ସେ କିନ୍ତୁ ଦୃଢ଼ତାର ସହ ବ୍ୟାଧିକୁ ସାମ୍ନା କରୁଛନ୍ତି । ସେ ନିଜର କର୍କଟ ଯାତ୍ରାର ବିବରଣୀ ସୋସିଆଲ୍ ମିଡିଆରେ ସେୟାର୍ ମଧ୍ୟ କରୁଛଚ୍ଚି ।

## ବୈକୁଣ୍ଠ ଚତୁର୍ଦ୍ଦଶୀ



ପୌରାଣିକ କଥାବସ୍ତୁ ଅନୁସାରେ ଥରେ ବିଷ୍ଣୁ କାଶିରେ ଶିବ ଭଗବାନଙ୍କ ଉପରେ ଏକ ହଜାର ସ୍ୱର୍ଣ୍ଣ କମଳ ପୁଷ୍ପ ଚଢ଼ାଇବାର ସଂକଳ୍ପ କରିଥିଲେ । ଯେବେ ଏହି ସଂକଳ୍ପ ପାଳନ କରିବାର ସମୟ ଆସିଲା, ସେହି ସମୟରେ ଭଗବାନ ଶିବ, ବିଷ୍ଣୁଙ୍କୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ୱର୍ଣ୍ଣ କମଳ ପୁଷ୍ପ କମ୍ କରି ଦେଇଥିଲେ ।

ପୁଷ୍ପ କମ୍ ହୋଇଯିବାରୁ ବିଷ୍ଣୁ ନିଜ କମଳ ନୟନ ନାମକୁ ସ୍ମରଣ କରି ଭଗବାନ ଶିବଙ୍କ ନିକଟରେ ନିଜ ନେତ୍ର ସମର୍ପିତ କରି ଦେଇଥିଲେ । ବିଷ୍ଣୁଙ୍କ ଏଭଳି ଭକ୍ତିଭାବ ଦେଖି କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀକୁ 'ବୈକୁଣ୍ଠ ଚତୁର୍ଦ୍ଦଶୀ' ନାମରେ ପାଳନ କରାଯାଏ । ସେହି ଦିନଠାରୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇ ଭଗବାନ ବିଷ୍ଣୁଙ୍କ ଆରାଧନା କରାଯାଉଛି । ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ । କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍ । ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଜ ରାମବାଣ ହୋଇଥାଏ ।



ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ରାଜା ପରୀକ୍ଷିତଙ୍କର ହୋଇଥିଲା ପୁନର୍ଜନ୍ମ



ମହାଭାରତର ଅଶ୍ୱମେଧ ପର୍ବ ଅନୁଯାୟୀ, ବିରାଟ ରାଜାଙ୍କ ପୁତ୍ରୀ ଥିଲେ ଉତ୍ତରା । ପାଣ୍ଡବମାନେ ଅଜ୍ଞାତବାସ କରିବା ସମୟରେ ଅର୍ଜୁନ ବୃହନ୍ନଳା ରୂପରେ ଅଜ୍ଞାତବାସ କାଟୁଥିଲେ । ଉତ୍ତରାଙ୍କୁ ବୃହନ୍ନଳା ନୃତ୍ୟ, ସଂଗୀତ ଆଦି ଶିକ୍ଷା ଦେଉଥିଲେ । କୌରବମାନେ ବିରାଟ ରାଜାଙ୍କ ଗାଈ ଚୋରାଇ ନେଲେ । ସେ ସମୟରେ ଅର୍ଜୁନ କୌରବଙ୍କ ସହ ଯୁଦ୍ଧ କରି ଅପୂର୍ବ ପରାକ୍ରମ ଦେଖାଇଥିଲେ ଏବଂ ଗାଈ ଫେରାଇ ଆଣିଥିଲେ । ଅର୍ଜୁନଙ୍କ ଏହି ବୀରତ୍ୱ ଦେଖି ରାଜା ବିରାଟ ନିଜ ପୁତ୍ରୀ ଉତ୍ତରାଙ୍କ ସହ ତାଙ୍କର ବିବାହ କରିବାକୁ ପ୍ରସ୍ତାବ ଦେଲେ । ମାତ୍ର ଉତ୍ତରାଙ୍କୁ ଶିକ୍ଷା ଦେଉଥିବାରୁ ସେ ତାଙ୍କର କନ୍ୟା ସମାନ ଥିଲେ । ଏହି ଦୃଷ୍ଟିରୁ ଅର୍ଜୁନ ତାଙ୍କୁ ବିବାହ କରିବା ଲାଗି ମନା କରିଦେଲେ । ଶେଷରେ ଉତ୍ତରାଙ୍କୁ ଅର୍ଜୁନ ଏବଂ ସୁଭଦ୍ରାଙ୍କ ପୁତ୍ର ଅଭିମନ୍ୟୁ ବିବାହ କରିଥିଲେ । ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କ ଦ୍ୱାରା ଅଶ୍ୱମେଧ ଯଜ୍ଞ ଆୟୋଜନ କରିବା ଲାଗି ପ୍ରସ୍ତୁତି ଚାଲିଥିଲା । ଏହି ସମୟରେ ଉତ୍ତରାଙ୍କ ପୁତ୍ର ଜନ୍ମ ନେଲା । ଏହି ଆନନ୍ଦର ସମୟ ହଠାତ୍ ଶୋକରେ ଭରିଗଲା । ଜଣାପଡ଼ିଲା ଯେ ଉତ୍ତରା ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ପାଣ୍ଡବଙ୍କ ପାଇଁ ତର୍ପଣ କରିବା ଲାଗି କେହି ନଥିଲେ ।

ସମସ୍ତେ ଏହି ବାଳକ ଉପରେ ଆଶା ରଖିଥିଲେ । ଭଗବାନ ଶ୍ରୀକୃଷ୍ଣ ବୁଝିପାରିଲେ ଯେ ଅଶ୍ୱତ୍ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ଯୋଗୁ ଏହି ବାଳକ ଉତ୍ତରାଙ୍କ ଗର୍ଭରେ ମୃତ୍ୟୁବରଣ କରିଛି । ତେଣୁ ମୃତ ଶିଶୁ ଜନ୍ମ ହୋଇଛି । ଶ୍ରୀକୃଷ୍ଣ ସେହି ମୃତଶିଶୁକୁ କୋଳେଇ ନେଲେ ଏବଂ ଉତ୍ତରା ଏବଂ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ କହିଲେ, ମୁଁ କେବେ ବି ଯୁଦ୍ଧଭୂମିରୁ କାପୁରୁଷ ଭଳି ପଳାୟନ କରିନାହିଁ । କେବେ ମିଥ୍ୟାର ଆଶ୍ରୟ ନେଇନାହିଁ । ଯାହା ବି କରିଛି ସର୍ବଦା ଧର୍ମ ପ୍ରତିଷ୍ଠା ପାଇଁ ହିଁ କରିଛି । ମୋର ପୂଣ୍ୟ ବଳରେ ମୁଁ ଏବେ ଏହି ଶିଶୁକୁ ଜୀବନଦାନ ଦେଉଛି । ଏହା କହିବା ପରେ ଶିଶୁଟି ତତ୍କ୍ଷଣାତ୍ ଜୀବିତ ହୋଇଗଲା । ଜନ୍ମ ପୂର୍ବରୁ ହିଁ ସେହି ଶିଶୁ ଈଶ୍ୱରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଭଗବାନ ଶ୍ରୀକୃଷ୍ଣ ତା'ର ନାଁ ଦେଲେ 'ପରୀକ୍ଷିତ' । ପରବର୍ତ୍ତୀ କାଳରେ ଏହି ଶିଶୁ ହିଁ ପାଣ୍ଡବଙ୍କ ଉତ୍ତରାଧିକାରୀ ରୂପରେ ହସ୍ତିନାପୁରର ଶାସନ କଲା । ରାଜା ପରୀକ୍ଷିତ ଭାରତବର୍ଷରେ ଧର୍ମପୂର୍ବକ ଶାସନ କରିଥିଲେ । ତାଙ୍କ ଯୋଗୁ ଆର୍ଯ୍ୟାବର୍ତ୍ତ ଏକ ଭୂଖଣ୍ଡ ରୂପରେ ଶାସିତ ହୋଇଥିଲା ଏବଂ ସମୃଦ୍ଧିର ଶିଖରରେ ପହଞ୍ଚିପାରିଥିଲା । ରାଜା ପରୀକ୍ଷିତଙ୍କ ସମୟରେ ହିଁ ଦ୍ୱାପର ଯୁଗର ପରିସମାପ୍ତି ଘଟି ସଂସାରରେ କଳିଯୁଗର ଆଗମନ ହୋଇଥିଲା ।

## ଅର୍ଜୁନଙ୍କୁ ଅଭିଶାପ

ସ୍ୱର୍ଗରେ ୧୧୧ ଅପସରା ରହିଥିଲେ । ଏମାନଙ୍କ ମଧ୍ୟରୁ ଉର୍ବଶୀଙ୍କ ସ୍ଥାନ ସର୍ବୋଚ୍ଚ ଥିଲା । ତାଙ୍କର ସୁନ୍ଦରତା ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା । ଦିନେ



ମର୍ତ୍ତ୍ୟମଣ୍ଡଳରୁ ରାଜା ପୁରୁରବା ଇନ୍ଦ୍ରଦେବଙ୍କ ସଭାକୁ ଆସିଥିଲେ । ତାଙ୍କୁ ଦେଖି ଉର୍ବଶୀ ମୋହିତ ହୋଇପଡ଼ିଲେ । ଏମିତିରେ ତାଙ୍କ ନୃତ୍ୟ ବିଗିଡ଼ିଗଲା । ଏହା ଜାଣିପାରି ଦେବରାଜ ଇନ୍ଦ୍ର କୋପିତ ହେଲେ । ସେ ଉର୍ବଶୀଙ୍କୁ ଅଭିଶାପ ଦେଲେ । ଏହି ଅଭିଶାପ କାରଣରୁ ଉର୍ବଶୀ ମର୍ତ୍ତ୍ୟମଣ୍ଡଳରେ ଯାଇ ରାଜା ପୁରୁରବାଙ୍କୁ ବିବାହ କରି ରହିଲେ । ଦୁହିଁଙ୍କ ଔରସରୁ ୯ଜଣ ପୁତ୍ର ସନ୍ତାନ ଜନ୍ମ ନେଲେ । କିଛି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁଲୋକରେ ପୁରୁରବାଙ୍କ ସହ ସମୟ ବିତାଇବା ପରେ ଉର୍ବଶୀ ସ୍ୱର୍ଗକୁ ଫେରିଆସିଲେ ଏବଂ ଇନ୍ଦ୍ରଦେବ ତାଙ୍କୁ ପୁଣି ଥରେ ସ୍ୱୀକାର କରିନେଲେ । ଏମିତି ସମୟ ବିତିଗଲା । ଦେବରାଜ ଇନ୍ଦ୍ରଙ୍କ କୃପାରୁ ରାଜା ପାଣ୍ଡୁଙ୍କ ପତ୍ନୀ କୁନ୍ତୀଙ୍କ ପୁତ୍ର ରୂପେ ଅର୍ଜୁନ ଜନ୍ମନେଲେ । ଦିନେ ଅର୍ଜୁନ ସ୍ୱର୍ଗଲୋକ ଯାଇଥିଲେ । ସେଠାରେ ଉର୍ବଶୀଙ୍କ ନଜର ତାଙ୍କ ଉପରେ ପଡ଼ିଲା । ଉର୍ବଶୀ ଅର୍ଜୁନଙ୍କୁ ଦେଖି ମୋହିତ ହୋଇଗଲେ ଏବଂ ତାଙ୍କ ସହ ପ୍ରଣୟ ଲାଗି ପ୍ରସ୍ତାବ ଦେଲେ । ମାତ୍ର ଅର୍ଜୁନ କହିଲେ, ଆପଣ ମୋର ପୂର୍ବଜ ରାଜା ପୁରୁରବାଙ୍କୁ ବିବାହ କରିଥିଲେ । ଏହି ଦୃଷ୍ଟିରୁ ଆପଣ ମୋର ମାତାଙ୍କ ଭଳି । ତେଣୁ ଆପଣଙ୍କୁ ବିବାହ କରିବା ମୋ ପାଇଁ ପାପ ହେବ । ଏଥିରେ ଉର୍ବଶୀ କ୍ରୋଧିତ ହୋଇପଡ଼ିଲେ । ସେ ଅର୍ଜୁନଙ୍କୁ ନପୁଂସକ ହୋଇଯିବା ଲାଗି ଅଭିଶାପ ଦେଲେ । ତେବେ ସେ ଏହାର ଅବଧି ସୀମିତ ରଖିଲେ । ଅଜ୍ଞାତବାସ କାଳରେ ଅର୍ଜୁନଙ୍କୁ ନପୁଂସକ ଭଳି ଜୀବନ ବିତାଇବାକୁ ପଡ଼ିଲା । ସେ ରାଜା ବିରାଟଙ୍କ ରାଜଦରବାରରେ ନର୍ତ୍ତକୀ 'ବୃହନଳା' ରୂପରେ ନିଜ ପରିଚୟ ଲୁଚାଇ ରହିଥିଲେ ।











ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର, ହରିୟାଣା ପର୍ଯ୍ୟଟନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରମୁଖ ପର୍ଯ୍ୟଟନମଣ୍ଡପ ବୁଲି ଦେଖୁଛନ୍ତି ।

## ଭଙ୍ଗାହେବ ବୈକୁଣ୍ଠଧାମ ଆଶ୍ରମ

**ଭୁବନେଶ୍ୱର, ୧୦।୧ (ମହାଭାରତ):** ଭୁବନେଶ୍ୱର ଖଣ୍ଡଗିରି ବୈକୁଣ୍ଠଧାମ ଆଶ୍ରମ ପାଇଁ ଅଡୁଆ ବଢ଼ିଲା । ଖୁବ ଶୀଘ୍ର ଆଶ୍ରମରେ ଚଳିପାରେ ବୁଲଡୋଜର । ଆଶ୍ରମର ଜବରଦଖଲ ଉଚ୍ଛେଦ ଉପରେ ଥିବା ଅଙ୍କୁଶକୁ ଓଡିଶା ହାଇକୋର୍ଟ ହଟାଇ ଦେଇଛନ୍ତି ।

ଭୁବନେଶ୍ୱର ଘାଟିକିଆ । ମୌଜାର ଖାତା ନଂ ୨୩୩୩ର ପ୍ଲଟ ନଂ ୧୨୧୫ ଉପରେଥିବା ବୈକୁଣ୍ଠ ଧାମ ଆଶ୍ରମର ନିର୍ମାଣ ହୋଇଛି । ଏହା ଉପରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଗତ ନଭେମ୍ବର ମାସ ୨୧ ତାରିଖରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରୀ କରିଥିଲେ । ସମ୍ପୃକ୍ତ ଜମି ଉପରେ ବୈକୁଣ୍ଠ ଧାମ ଟ୍ରଷ୍ଟ ପକ୍ଷରୁ ଯୋଗଶିକ୍ଷା ଦିଆଯାଉଛି ଏବଂ ସେହି ଜମିକୁ ଟ୍ରଷ୍ଟକୁ ହସ୍ତାନ୍ତର କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ସୁପାରିଶ କରାଯାଇଛି ବୋଲି ଆବେଦନକାରୀ ହାଇକୋର୍ଟରେ ଦର୍ଶାଇଥିଲେ ।

ସେହି ଆଧାରରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ରୋକ ଲଗାଇଥିଲେ । ତେବେ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଦିଆଯାଇଥିବା ଚିଠି ନକଲି ବୋଲି ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ପରେ କୋର୍ଟ ଆଜି ନିଜ ଅନ୍ତରୀଣ ନିର୍ଦ୍ଦେଶକୁ ହଟାଇ ଦେଇଛନ୍ତି । ଏହାସହ ସରକାରଙ୍କ ସତ୍ୟପାଠ ଆଧାରରେ ଜବାବ ଦାଖଲ କରିବାକୁ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଫେବୃଆରୀ ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ।

## ବିବାହ ବିଚ୍ଛେଦ ପାଇଁ ଉଭୟଙ୍କ ସମ୍ମତି ଆବଶ୍ୟକ: ହାଇକୋର୍ଟ

**କଟକ, ୧୦।୧ (ମହାଭାରତ) :** ହିନ୍ଦୁ ବିବାହ ଆଇନରେ ଯଦି ଦମ୍ପତିଙ୍କ ମଧ୍ୟରେ କେହି ଜଣେ ବି ବିଚ୍ଛେଦ ପାଇଁ ସମ୍ମତି ପ୍ରତ୍ୟାହାର କରେ, ବିବାହ ବିଚ୍ଛେଦ ଆଦେଶ ପ୍ରଦାନ କରାଯାଇପାରିବ ନାହିଁ । ସୁପ୍ରିମକୋର୍ଟଙ୍କ ବିଭିନ୍ନ ଦୃଷ୍ଟାନ୍ତମୂଳକ ରାୟରେ ମଧ୍ୟ ଏହା ସ୍ପଷ୍ଟ ହୋଇଛି ବୋଲି ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି । ଜଣେ ମହିଳାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି । ଆବେଦନକାରୀ ବିବାହ ବିଚ୍ଛେଦ ପାଇଁ ସମ୍ମତି ପ୍ରତ୍ୟାହାର କରିବାର ୪ ଦିନ ପରେ ବାଲେଶ୍ୱର ପରିବାର ଅଦାଲତ ବିବାହ ବିଚ୍ଛେଦକୁ ଅନୁମତି ଦେଇ ଜାରି କରିଥିବା ଆଦେଶ ଆଇନ ଆଖିରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ହିନ୍ଦୁ



ବିବାହ ଅଧିନିୟମ-୧୯୫୫ର ଧାରା ୧୩(ଖ)ରେ ପରସ୍ପର ସମ୍ମତିରେ ସ୍ୱାମୀ-ସ୍ତ୍ରୀ ବିବାହ ବିଚ୍ଛେଦ ଆବେଦନ କରିବାର ବ୍ୟବସ୍ଥା ରହିଛି । ତେବେ ମାମଲା ବିଚାରାଧୀନ ଥିବା ଓ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିଲେ ମଧ ଦମ୍ପତିଙ୍କ ମଧ୍ୟରୁ ଜଣେ ସମ୍ମତି ପ୍ରତ୍ୟାହାର କରିପାରିବେ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଏଣୁ ବାଲେଶ୍ୱର ପରିବାର ଅଦାଲତଙ୍କ ଗତ ୨୦୨୧ ନଭେମ୍ବର ୨୨ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି । ଆସନ୍ତା ୬ ମାସ ମଧ୍ୟରେ ପରିବାର ଅଦାଲତ ଏହି ମାମଲାର ଫଇସଲା କରିବାକୁ ହାଇକୋର୍ଟ କହିଛନ୍ତି । ପ୍ରକାଶଥାଉକି, ଉଭୟ ଆବେଦନକାରୀ ଓ ତାଙ୍କ ସ୍ୱାମୀ ଯୁଗ୍ମ ଭାବେ ବିବାହ ବିଚ୍ଛେଦ ପାଇଁ ସମ୍ମତିପୂର୍ବକ ପରିବାର ଅଦାଲତରେ ୨୦୨୦ରେ ଆବେଦନ କରିଥିଲେ । ତେବେ ୨୦୨୧ ନଭେମ୍ବର ୧୮ରେ ଆବେଦନକାରୀ ପତ୍ନୀ ସମ୍ମତି ପ୍ରତ୍ୟାହାର କରିନେଇଥିଲେ । ହେଲେ ଏହାର ୪ ଦିନ ପରେ ବିବାହ ବିଚ୍ଛେଦକୁ ମଞ୍ଜୁର କରି ବାଲେଶ୍ୱର ପରିବାର ଅଦାଲତ ଆଦେଶନାମା ଜାରି କରିଥିଲେ । ଏହା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଦର୍ଶାଇ ଏହି ଆଦେଶ ବିରୋଧରେ ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ଫେବୃଆରୀ ଦ୍ୱିତୀୟ ସପ୍ତାହ ଯାଏଁ ଶୀତ ଲହର

**ଭୁବନେଶ୍ୱର, ୧୦।୧ (ମହାଭାରତ) :** ରାଜ୍ୟରେ ଗତ କିଛିଦିନ ହେଲା ଶୀତ ଲହରି ଜାରି ରହିଛି । ୧୦ ସହରରେ ପାରଦ ୧୦ ଡିଗ୍ରୀ ଓ ଏହା ତଳେ ରହିଛି । ମାତ୍ର ରବିବାରଠାରୁ ଶୀତ କମିଯିବ ଓ ୧୬ ତାରିଖରୁ ପୁଣି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଶେଷଜ୍ଞ ଡ. ଶରତ ସାହୁଙ୍କ ସୂଚନାନୁସାରେ, ୧୨ ତାରିଖରୁ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିବ । ଫଳରେ ଶୀତ ଲହରିରେ ବ୍ରେକ୍ ଲାଗିବ । ମାତ୍ର ୧୬ ତାରିଖରୁ ପୁଣି ଥଣ୍ଡାର ପ୍ରଭାବ ବଢ଼ିବ । ଫେବୃଆରୀ ଦ୍ୱିତୀୟ ସପ୍ତାହ ଯାଏ ଥଣ୍ଡା ଜାରି ରହିବ । ତେବେ ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ପାରଳାଖେମୁଣ୍ଡିରେ ୩୦ ଡିଗ୍ରୀ ସେଲସିୟସ୍ ରହିଥିଲା । ଶନିବାର ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ରହିଛି । ଝାରସୁଗୁଡ଼ା, କେନ୍ଦୁଝରଗଡ଼, କଳାହାଣ୍ଡି, ଖୋର୍ଦ୍ଧା, କଟକ, ଜଗତ୍‌ସିଂପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ଦେଖିବାକୁ ମିଳିବ । ପରବର୍ତ୍ତୀ ୨ଦିନ ମଧ୍ୟ ବିଭିନ୍ନ ଜିଲାକୁ କୁହୁଡ଼ି ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଦେଇଛି ।

## ଲାଞ୍ଚ ନେଇ ବନ୍ଧା ହେଲେ ଏଆରଆଇ

**ଖୋର୍ଦ୍ଧା, ୧୦।୧ (ମହାଭାରତ):** ୮ ବର୍ଷ ତଳେ ଲାଞ୍ଚ ନେଇ ଗିରଫ ହୋଇଥିଲେ । ସେହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବା ବେଳେ ଆଜି ପୁଣି ଥରେ ଲାଞ୍ଚ ନେବା ବେଳେ ଧରାପଡ଼ି ଗିରଫ ହୋଇଛନ୍ତି । ଏହି ସରକାରୀ କର୍ମଚାରୀଙ୍କ ନାଁ କୈଳାସଚନ୍ଦ୍ର ବେହେରା । ସେ ଖୋର୍ଦ୍ଧା ଜିଲ୍ଲା ଚିଲିକା ତହସିଲ ସୋରଣ ଆରଆଇ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ଭାବେ ନିଯୁକ୍ତ ହୋଇଛନ୍ତି । ସୋରଣର ଚିଲିକା ଆର୍ଦ୍ରଭୂମି ସଂରକ୍ଷଣର ଜଣେ କାର୍ଯ୍ୟକର୍ତ୍ତାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଛନ୍ତି କୈଳାସ । ତାଙ୍କ ପୁଅ ସହିତ ଗାଁର ଆଉ କେତେ ଜଣ ଜମିହୀନ ଗ୍ରାମବାସୀଙ୍କୁ ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦେବାକୁ ସେମାନଙ୍କ ସପକ୍ଷରେ ରିପୋର୍ଟ ଦେବାକୁ ଏହି ଅର୍ଥ ନେଇଥିଲେ ଏଆରଆଇ କୈଳାସଚନ୍ଦ୍ର ବେହେରା ।

ଲାଞ୍ଚ ନେଇ ଧରାପଡ଼ିବା ପରେ ଏଆରଆଇ ଶ୍ରୀ ବେହେରାଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚାଉ କରାଯାଇଥିଲା । ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଏହି ଚାଉ କରାଯାଇଥିଲା । ୨୦୧୬ ମସିହାରେ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ ଏଆରଆଇ କୈଳାସଚନ୍ଦ୍ର ବେହେରା । ଏହି ମାମଲା ବିଚାରାଧୀନ ରହିଛି ।

## ଓଡ଼ିଶୀ, କଥକ ଓ ଭାରତନାଟ୍ୟମ୍‌ରେ ବିମୋହିତ ଦର୍ଶକ

**ଭୁବନେଶ୍ୱର, ୧୦/୧ (ମହାଭାରତ) :** ଆଜି ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଓଡ଼ିଶୀ, କଥକ ଏବଂ ଭାରତନାଟ୍ୟମ୍ ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଛି ।



ଆଜି ଚତୁର୍ଥ ସନ୍ଧ୍ୟାର ପ୍ରଥମ ଚରଣରେ ଅଗ୍ନିମିତ୍ର ବେହେରା ଓ ତାଙ୍କର ସାଥୀବୃନ୍ଦଙ୍କ ଦ୍ୱାରା ଶିବବନ୍ଦନା ଉପସ୍ଥାପିତ କରାଯାଇଥିଲା । ପରେପରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ନୃତ୍ୟଶିଳ୍ପୀ ସତ୍ୟପ୍ରକାଶ ସାହୁୟ ଆଦିତ୍ୟ ପିଭି ଓ ପାର୍ଶ୍ୱନାଥ ଉପାଧ୍ୟାୟଙ୍କ ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ । ପରିଶେଷରେ ନୂଆଦିଲ୍ଲୀରୁ ଆସିଥିବା କଥକ ଶିଳ୍ପୀ ଆଦିତି ମଙ୍ଗଳଦାସ ଏବଂ ଗ୍ରୁପଙ୍କ ଦ୍ୱାରା ଦଳଗତ କଥକ ନୃତ୍ୟ ପରିବେଷଣ କରାଯାଇଥିଲା । ଶାସ୍ତ୍ରୀୟ ନୃତ୍ୟର ପରିବେଷଣରେ ମୁକ୍ତେଶ୍ୱର ପ୍ରାଙ୍ଗଣର ଶୋଭା ଓ ସୁଷମା ବହୁଗୁଣିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ପ୍ରଫେସର ନିବେଦିତା ମହାନ୍ତି, ଓଡ଼ିଶା ଗବେଷଣା କେନ୍ଦ୍ରର ମୁଖ୍ୟ ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ, ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ଓ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ବିରୁଦ୍ଧରେ ବିକ୍ଷୋଭ

**ଭୁବନେଶ୍ୱର, ୧୦।୧ (ମହାଭାରତ):** ଓଡ଼ିଶାରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଅତ୍ୟାୟର ପ୍ରତିବାଦରେ 'ଭଏସ୍ ଏଗେନଷ୍ଟ ହେଟ୍' ପକ୍ଷରୁ ଆବାହକ ମାନସ ଚୌଧୁରୀଙ୍କ ନେତୃତ୍ୱରେ ଶୁକ୍ରବାର ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି । ବିକ୍ଷୋଭକାରୀମାନେ ମୁହଁରେ କଳାପଟି ବାନ୍ଧି, ହାତରେ 'ଭଏସ୍ ଏଗେନଷ୍ଟ ହେଟ୍ ର ପତାକା ଧରିବା ସହ 'ଆମେ ସମସ୍ତେ ଭାଇ ଭାଇ, ହିଂସା ଘୃଣାର ସ୍ଥାନ ନାହିଁ, 'ଘୃଣା ନୁହେଁ, ଭାଇଚାରା ରଖ', 'ଆସ ଗଢିବା ଘୃଣାମୁକ୍ତ ସମାଜ', 'ଆମକୁ ଭାଗ ଭାଗ କରନାହିଁ', 'ଆମେ ଏକ, ଆମେ ଭାରତୀୟ', 'ଘୃଣା ଛାଡ଼, ଦେଶ ଯୋଡ଼' ଆଦି ପ୍ଲାକାର୍ଡ଼ମାନ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଏହି ବିକ୍ଷୋଭରେ ଅତ୍ୟାଚରିତ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ ସୁରକ୍ଷା ଓ ତାଙ୍କ ଉପରେ ହୋଇଥିବା ବର୍ବୋରଚିତ ଅତ୍ୟାଗର ପାଇଁ ନ୍ୟାୟ ଦାବି କରାଯାଇଥିଲା । ଗଜପତି ଜିଲ୍ଲା, ବାଲେଶ୍ୱର ଜିଲ୍ଲାର ଔପଦା, ରେମୁଣା ଓ ସୋରୋ, ଯାଜପୁର ଜିଲ୍ଲାର ପୀଡ଼ିତ ପୀଡ଼ିତାମାନେ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ । ବିଶେଷକରି ଗଜପତି ଜିଲ୍ଲାର ସେରଙ୍ଗ ଥାନା ଅଞ୍ଚଳର ୨୦୨୪ ମସିହା ଡିସେମ୍ବର ୧୬ ତାରଖରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସୁଦୀପ୍ତ ପାଲଟା ଆକ୍ରମଣ ଶିକାର ହୋଇଥିଲେ, ଯାହାର କେସ୍ ନମ୍ବର ୧୦୪/୨୦୨୪ । ସେହିପରି ୨୦୨୪ ମସିହା ନଭେମ୍ବର ୨୪ ତାରିଖରେ ବାଲେଶ୍ୱର ଜିଲ୍ଲା ଔପଦା ଥାନାର ଖ୍ରୀଷ୍ଟିଆନ ଆଦିବାସୀ ସୁନାରାମ ମାରାଣ୍ଡି ଓ କାୟମ ସୋରେନଙ୍କୁ ପେଟ୍ରୋଲ ଟାଙ୍କି ପାଖରେ ବାନ୍ଧି ଅମାନୁଷିକ ଭାବେ ମାଡ଼ ମରାଯାଇଥିଲା । ଏପରିକି ତାଙ୍କୁ ପେଟ୍ରୋଲ ଢାଳି ଜୀବନରୁ ମାରିଦେବାକୁ ମଧ ଯୋଜନା କରାଯାଇଥିଲା, ଯାହାର କେସ୍ ନଂ ୬/୨୦୨୫ । ଡିସେମ୍ବର ୨୬, ୨୦୨୪ ମସିହାରେ ବାଲେଶ୍ୱର ରେମୁଣା ଥାନା ଅଞ୍ଚଳର ଆଦିବାସୀ ଖ୍ରୀଷ୍ଟିଆନ ମହିଳା ସୁକାନ୍ତି ସିଂ ଓ ସୁବାସିନୀ ସିଂଙ୍କ ନାମରେ ଧର୍ମ ପରିବର୍ତ୍ତନର ମିଥ୍ୟା ଅଭିଯୋଗ ଆଣି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଘନିଷ୍ଠ ସହଯାଗୀମାନେ ଏହି ଦୁଇ ନିରୀହ ମହିଳାଙ୍କୁ ଗଛରେ ବାନ୍ଧି ଚପଲରେ ପିଟିବା ସହ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିଥିଲେ । ସେହିପରି ଡିସେମ୍ବର ୮, ୨୦୨୪ରେ ଯାଜପୁର ଟାଉନ ଥାନା ଅଞ୍ଚଳର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ନରେନ୍ଦ୍ର ଦାସ ଓ ବୀରକିଶୋର ଦାସଙ୍କ ଉପରେ ଅମାନୁଷିକ ଅତ୍ୟାଚର କରାଯିବା ସହ ସେଠାରେ ଚର୍ଚ ଭଙ୍ଗାରୁଜା କରାଯାଇଥିଲା, ଯାହାର କେସ୍ ନମ୍ବର ୩୫୫/୨୦୨୪ । ସେହିପରି ୨୦୨୫ ମସିହା ଜାନୁଆରୀ ୫ ତାରିଖରେ ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଅଞ୍ଚଳର ଖ୍ରିଷ୍ଟିଆନ ସମ୍ପ୍ରଦାୟର ଗୌରାଙ୍ଗ ଦାସଙ୍କୁ ଅପହରଣ କରାଯାଇ ଗଛରେ ବାନ୍ଧି ମାଡ ମରାଯାଇଥିଲା । ଯାହାର କେସ୍ ନମ୍ବର ୮/୨୦୨୫ । ଏହି ପୀଡ଼ିତ ଏବଂ ପୀଡ଼ିତାମାନେ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ ।

## କିମ୍‌ସରେ ପ୍ରଥମ ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ

**ଭୁବନେଶ୍ୱର, ୧୦।୧ (ମହାଭାରତ) :** କିମ୍‌ସରେ ପ୍ରଥର ଥର ଲାଗି ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ (ବିଏମଟି) କରି ଓଡ଼ିଶାର ଉନ୍ନତ କର୍କଟ ଚିକିତ୍ସାରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ନୟାଗଡ଼ ଜିଲ୍ଲାରୁ କିମସରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କଠାରେ ସଫଳତାର ସହ ଅସ୍ଥି ମଜ୍ଜା ପ୍ରତିରୋପଣ କରାଯାଇଛି । ରୋଗୀ ଜଣକ ଏକାଧିକ ପ୍ରକାରର ମାଇଲୋମା ଭଳି ଏକ ପ୍ରକାର ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ । ପ୍ରତିରୋପଣ ପରେ ରୋଗୀ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ।

କିମ୍‌ସର ବିଶେଷଜ୍ଞ ଡା ବିଶ୍ୱଜିତ୍ ଭୂୟାଁଙ୍କ ନେତୃତ୍ୱରେ ପେଡିଆଟ୍ରିକ୍ ହେମାଟୋ-ଅଙ୍କୋଲୋଜିଷ୍ଟ ଅଟୋଲୋଗୋସ୍ ଫୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟେସନ୍ ପ୍ରକ୍ରିୟାରେ ଏହି ପ୍ରତିରୋପଣ କରାଯାଇଥିଲା । ଏଥିରେ ରୋଗୀଙ୍କଠାରୁ ଷ୍ଟେମ ସେଲ୍ ସଂଗ୍ରହ କରାଯାଇ ସଂରକ୍ଷଣ କରାଯାଏ । ପରେ ଇନଟେନସିଭ କେମୋଥେରାପି କରାଯାଇ ଷ୍ଟେମ ସେଲକୁ ପ୍ରତିସ୍ଥାପନ କରାଯାଇଥାଏ ।

ରୋଗୀ ପ୍ରାୟ ୬ ମାସ ପୂର୍ବରୁ କିମ୍‌ସ ଆସି ଡା ଭୂୟାଁଙ୍କ ସହ ପରାମର୍ଶ କରିଥିଲେ । ଅସ୍ଥି ଯନ୍ତ୍ରଣା ଯୋଗୁଁ ଚାଲବୁଲ କରିବାରେ ସେ ବହୁ କଷ୍ଟ ଭୋଗୁଥିଲେ । କିମ୍‌ସରେ ବିଭିନ୍ନ ପରୀକ୍ଷା ପରେ ତାଙ୍କଠାରେ ଏକାଧିକ ମାଇଲୋମା ଥିବା ଚିହ୍ନଟ ହୋଇଥିଲା । କେମୋଥେରାପି କରାଯାଇଥିଲେ ମଧ୍ୟ ଏହା ଏକ ନିର୍ଦ୍ଦିଷ୍ଟ ସମାଧାନ ନୁହେଁ ବୋଲି ଡା ଭୂୟାଁ କହିଛନ୍ତି । ଡା ଭୂୟାଁ ସୂଚନା ଦେଇ କହିଛନ୍ତି, ୬୦ ପ୍ରତିଶତରୁ ଅଧିକ ରୋଗୀଙ୍କ ପାଇଁ ଅସ୍ଥି ମଜ୍ଜା ପ୍ରତିରୋପଣ ପ୍ରାୟତଃ ସର୍ବୋତ୍ତମ ଚିକିତ୍ସା ସାବ୍ୟସ୍ତ ହେଲାଣି । ରୋଗୀଙ୍କ ଝିଅ କହିଛନ୍ତି ଯେ ଅସୁସ୍ଥତା ହେତୁ ତାଙ୍କ ପିତା ସଂପୂର୍ଣ୍ଣ ପକ୍ଷାଘାତ ହୋଇଯାଇଥିବାରୁ ପରିବାର ସମସ୍ତ ଆଶା ହରାଇଥିଲେ ।

ଏହି ସଫଳ ଅସ୍ଥି ମଜ୍ଜା ପ୍ରତିରୋପଣ ପରେ ରୋଗୀ ସଂପୂର୍ଣ୍ଣ ସାଧାରଣ ଜୀବନ ଯାପନ କରିପାରିବେ ବୋଲି ଡା ସ୍ପଷ୍ଟ କରିଛନ୍ତି ।

ସଠିକ୍ ନିରାକରଣ ନହେବା ପର୍ଯ୍ୟନ୍ତ ରୋଗୀ ପ୍ରଥମେ ଆର୍ଥ୍ରାଇଟିସ୍ ପାଇଁ ଚିକିତ୍ସିତ ହେଉଥିଲେ ବୋଲି କିମ୍‌ସର ଅନ୍ୟତମ ଡାକ୍ତର ପାଲାଶ ଦାସ ସୂଚନା ଦେବା ସହ କିମସ୍ ଖୁବ୍ ଶୀଘ୍ର ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ଏବଂ ହାପ୍ଲୋଏଣ୍ଡେଟିକାଲ୍ (ହାପ୍ଲୋ) ଟ୍ରାନ୍ସପ୍ଲାଣ୍ଟେସନ୍ ପ୍ରବର୍ତ୍ତନ କରି ଏହାର ଅସ୍ଥି ମଜ୍ଜା ପ୍ରତିରୋପଣ ସେବାକୁ ବିସ୍ତାର କରିବାକୁ ଯୋଜନା କରିଛି ବୋଲି କହିଛନ୍ତି ।

## ପ୍ରବାସୀ ଭାରତୀୟ ଦିବସରେ ଆଇସିସି ଓ ଏଆଇସି ମଧ୍ୟରେ ଏମ୍‌ଓୟୁ




**ଭୁବନେଶ୍ୱର, ୧୦।୧ (ମହାଭାରତ) :** ପ୍ରବାସୀ ଭାରତୀୟ ଦିବସ ଅବସରରେ ଏସିଆନ ଇଣ୍ଡିଆ ଇକୋନୋମିକ କାଉନସିଲ (ଏଆଇସି) ଏବଂ ଇଣ୍ଡିଆନ ଚମ୍ବର ଅଫ କମର୍ସ(ଆଇସିସି)ଚୁକ୍ତିରେ ସାମିଲ ହୋଇଛନ୍ତି । କମ୍ପାନି, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ଲାଗି ଏକ ଫୋରମ ସୃଷ୍ଟି ଦିଗରେ ଏହା ସହାୟକ ହେବ । ଆଇସିସି ଓଡ଼ିଶା ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଏଆଇସି ମାଲେସିଆ । ଅଧ୍ୟକ୍ଷ ଦାତୋ ରମେଶ କୋଡାମାଳ, ଏଆଇଇସି ଫିଲିପାଇନ୍ସ ସହ ଅଧ୍ୟକ୍ଷ ଜୋନି ଛୋଟରାଣୀ, ଇନଭେସିଫାଏ କମ୍ପାନୀ ଲିମିଟେଡ୍ , ହାନୋଇ ଭିଏତନାମ ସିଇଓ ଇନ୍ଦ୍ରୋନିଲ ସେନଗୁପ୍ତା, ଓକାକ୍ ପରିଚାଳନା ନିର୍ଦ୍ଦେଶକ(ସୂଚନା ପ୍ରଯୁକ୍ତି ବିଦ୍ୟା) ବିଭାଗର ମାନସ ପଣ୍ଡା ଓ ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପାଲଙ୍କ ଉପସ୍ଥିତରେ ଏହି ଚୁକ୍ତିନାମା ସାକ୍ଷରିତ ହୋଇଥିଲା । ଏହା ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ, ଭାବ ଆଦାନ ପ୍ରଦାନ ଏବଂ ନିୟାମକ କ୍ଷେତ୍ରରେ ଏସିଆନ ଦେଶ ଗୁଡିକୁ ମିଳିତ ହୋଇ କାର୍ଯ୍ୟ କରିବେ । ଶେଷରେ ଆଇସିସି ରାଜ୍ୟ ପରିଷଦର ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସବୁ ରୋଗର ଔଷଧ ନୁହେଁ

ଏହା ନିସନ୍ଦେହ ଯେ, ଆମ ଦେଶରେ ଯୋଗ୍ୟ ହିତାଧିକାରୀଙ୍କୁ ସିଧାସଳଖ ନଗଦ ଟଙ୍କା ହସ୍ତାନ୍ତର ଏକ କଲ୍ୟାଣମୂଳକ ଯୋଜନା ଭାବେ ପ୍ରାଧାନ୍ୟ ଲାଭ କରିବା ପରେ କଂଗ୍ରେସ ନିର୍ବାଚନ ଗ୍ୟାରେଂଟି ଘୋଷଣା କରିଥିଲା। ଯେଉଁଥିରେ ଭୋଟଦାତାଙ୍କ ପାଇଁ ବହୁ ଜନହିତକର ପ୍ରତିଶ୍ରୁତି ରହିଥିଲା। ହିମାଚଳ ପ୍ରଦେଶ ଏବଂ ତେଲେଙ୍ଗାନାରେ କଂଗ୍ରେସର ଏହାର ବିଜୟର ମୁଖ୍ୟ ମାଧ୍ୟମ ଥିଲା। କେବଳ କଂଗ୍ରେସ ନୁହେଁ, ଅନ୍ୟ ରାଜନୈତିକ ଦଳ ଏବଂ କ୍ଷମତାରେ ଥିବା ଦଳ ଭୋଟଦାତାଙ୍କ ସମର୍ଥନ ତଥା କ୍ଷମତା ପୁନଃ ଦଖଲ କରିବା ପାଇଁ ଏଭଳି ପଦ୍ଧତିକୁ ଆପଣାଇ ନେଇଛନ୍ତି। 'ଲଡକୀ ବହିନ ଏବଂ ଲାଡଲୀ ବହେନ' ଯୋଜନା ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ କ୍ଷମତାସୀନ ମେଂଟ ତଥା ଦଳକୁ ପୁର୍ନବାର କ୍ଷମତା ଦଖଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦଖଲ କରିଥିଲା। ଉଲ୍ଲେଖଯୋଗ୍ୟ ଲଡକୀ ବହିନ ଯୋଜନାରେ ମହାରାଷ୍ଟ୍ରରେ କ୍ଷମତାସୀନ ମହାୟୁତି ମାସିକ ୨୧୦୦ଟଙ୍କା ଲେଖାଏଁ ୧୮ବର୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ନିର୍ବାଚନ ଗ୍ୟାରେଂଟି ଦେଇଥଲା। ପୂର୍ବରୁ ମଧ୍ୟପ୍ରଦେଶରେ ଶାସକ ବିଜେପି 'ଲାଡଲୀ ବହେନ' ଯୋଜନାରେ ମହିଳାଙ୍କୁ ମାସିକ ୨୧୦୦ଟଙ୍କା ପ୍ରଦାନ କରିଆସୁଛି। ନିକଟରେ ଶେଷ ହୋଇଥିବା ଝାଡଖଣ୍ଡ ବିଧାନସଭା ନିର୍ବାଚନରେ ଜେଏମଏମ ନେତୃତ୍ୱାଧୀନ ଇଣ୍ଡିଆ ମେଂଟ ମୁଖ୍ୟମନ୍ତ୍ରୀ ମାୟା ଯୋଜନାରେ ୧୮ବର୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ମାସିକ ୨୫୦୦ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାରେ ଜମା ଦେବା ଘୋଷଣା ପୁର୍ନବାର କ୍ଷମତାକୁ ଆସିବାରେ ସହାୟକ ହୋଇଛି। ପୂର୍ବରୁ ତେଲେଙ୍ଗାନା ଓ କର୍ଣ୍ଣାଟକରେ ଗୃହଲକ୍ଷ୍ମୀ ଯୋଜନାରେ ମହିଳାଙ୍କୁ ମାସିକ ୧୨୦୦ଟଙ୍କା ଲେଖାଏଁ ଦେବା ଲାଗି ଘୋଷଣା କରି ସରକାରକୁ ଫେରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ବର୍ଷର ପ୍ରାରମ୍ଭରେ ଜାତୀୟ ରାଜଧାନୀ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏବେ ଦିଲ୍ଲୀରେ କ୍ଷମତାସୀନ ଥିବା ଆମ ଆଦମୀ ପାର୍ଟି(ଆପ୍) କ୍ଷମତା ପାଇଁ କି କି ମାଗଣା ତଥା ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରିଛି, ତାହା ବୋଧହୁଏ କାହାରିକୁ ଅଛପା ନାହିଁ। ଏବେ ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୨୧୦୦ଟଙ୍କା ଦେବା ଲାଗି ପ୍ରତିଶ୍ରୁତି ଘୋଷଣା କରିଛି। ଓଡିଶାରେ ବିଜେପି ମହିଳାଙ୍କୁ ପାଂଚ ବର୍ଷରେ ୫୦ହଜାର ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଥିଲା। ଏହା ନିସନ୍ଦେହ ଯେ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ମଧ୍ୟରେ ଥିବା ଅତି ଅଭାବୀ ମହିଳାଙ୍କୁ ମାସିକ ନଗଦ ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦେବାରେ କେହି ଆପତି ଉଠାଇନପାରନ୍ତି। ଯେତେବେଳେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢିଚାଲିଛି, ମହିଳାମାନେ ସେତେବେଳେ ସେମାନେ ପାଇଥିବା ଟଙ୍କା ଭାରତ ପରି ଏକ ପୁରୁଷ ପ୍ରଧାନ ସମାଜରେ ନିଜ ଇଚ୍ଛାନୁସାରେ ଖର୍ଚ୍ଚ ପରିପାରିବେ କିମ୍ବା ଏହାକୁ ସଂଚୟ କରିପାରିବେ। ତେବେ ଏଥିରେ ବିସ୍ମିତ ହେବାର କାରଣ ନାହିଁ, ଯେଉଁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି ତାହା ବେଶ୍ ଲୋକପ୍ରିୟ ପ୍ରମାଣିତ ହୋଇଛି। ଏହା ନିସନ୍ଦେହ ଯେ, ରାଜନୀତିରେ ଏବେ ସିଧାସଳଖ ନଗଦ ଟଙ୍କା ହସ୍ତାନ୍ତର ଯୋଜନା ଦ୍ୱାରା ରାଜନୈତିକ ଦଳଗୁଡିକ କ୍ଷମତା ଅକ୍ତିଆର କରୁଥିବାବେଳେ ଅନ୍ୟପଟେ ଦେଶ ସମ୍ମୁଖୀନ ହୋଇଥିବା ଉତ୍କଟ ବେକାରୀ, ରୋଜଗାରୀ ସମସ୍ୟା, ଦରଦାମ ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗ ଗୌଣ ହୋଇପଡିଛି। ଏହାର କାରଣ ହୁଏତ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ବୃଦ୍ଧି। ଗତ ସାଧାରଣ ନିର୍ବାଚନ ଏବଂ ଓଡିଶା ସମେତ ବହୁ ରାଜ୍ୟରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ଥିବା ଏକ ରିପୋର୍ଟରୁ ଜଣାଯାଇଛି। କିନ୍ତୁ ଅନ୍ୟପକ୍ଷରେ ଏଭଳି ଯୋଜନା ଦ୍ୱାରା ଦେଶରେ ଋଣ ଭାର ବଢି ବଢି ଚାଲିଛି। ଆହୁରି ମଧ୍ୟ ଏଭଳି ଯୋଜନା ଦ୍ୱାରା ଦେଶର ଅର୍ଥନୀତି ବିପର୍ଯ୍ୟାସ୍ତ ହୋଇଯିବା ନେଇ ବହୁ ଅର୍ଥନୀତି ବିଶାରଦ ସତର୍କ କରାଇ ସାରିଲେଣି। ଏପରିକି ସୁପ୍ରିମକୋର୍ଟ ଗଭୀର ଚିନ୍ତାପ୍ରକଟ କରିଛନ୍ତି। କହିବା ଯଥାର୍ଥ ହେବ ଯେ, ଭୋଟଦାତା ଏଥିପ୍ରତି ସଚେତନ ହେବା ଜରୁରୀ। କାରଣ ମାଗଣାରେ ଟଙ୍କା ବଂଟନ ବିସ୍ତୃତ ଜନକଲ୍ୟାଣର ବିକଳ୍ପ ନୁହେଁ। ଯେପରି ଗୋଟିଏ ଔଷଧରେ ସବୁରୋଗ ଭଲ ହୁଏ ନାହିଁ।

# ଧୂଳି ଖେଳ ବଢ଼ାଏ ରୋଗ ପ୍ରତିରୋଧକତା

### ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏବେ ସହଯେ କାଲୁଆ ଶୀତର ପ୍ରକୋପ, ଶୀତ ଦିନରେ ପିଲାମାନେ ବିଭିନ୍ନ ଖେଳ ଖେଳିବାକୁ ଭଲ ପାଆନ୍ତି। ଆଗକୁ ଆସୁଛି ଗୁଡ଼ି ଉଡା ମହାପର୍ବ ମକର। ତେବେ ପିଲାମାନେ ଅନେକ ସମୟରେ ଧୂଳିବାଲିରେ ଖେଳିବାକୁ ପସନ୍ଦ କରୁଥିଲେ ମଧ୍ୟ ଏହା ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ପରିଷ୍କାର ପରିଚ୍ଛନ୍ନ ପ୍ରସଙ୍ଗ ଉଠିଲେ ସମସ୍ତେ ଆଶଙ୍କିତ ହୋଇଯାଆନ୍ତି ଏପରିକି ପିଲାମାନେ ଘର ବାହାରେ ଧୂଳିଧୂସର ହୋଇ ଖେଳିବାକୁ ଅନେକ ବାରଣ କରିଥାନ୍ତି। ଏମିତି ଶରୀରକୁ ଅପରିଚ୍ଛନ୍ନ କରିବା ଦ୍ୱାରା ନାନା ରୋଗ ଜୀବାଣୁ ସଂସ୍ପର୍ଶରେ ଆସିବାର ଆଶଙ୍କା ରହିଥାଏ। ସୁତରାଂ ତାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଅନେକଙ୍କର ଧାରଣା ରହି ଆସିଛି। ମାତ୍ର ଏଭଳି ଯତ୍ନଶୀଳ ଅଭିଭାବକମାନଙ୍କ ଧାରଣାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଭୁଲ ପ୍ରମାଣିତ କରିଛନ୍ତି। ପ୍ରକୃତରେ ପିଲାମାନେ ପ୍ରାରମ୍ଭିକ ଅବସ୍ଥାରେ ଏଭଳି ଧୂଳିଧୂସର ହୋଇ ଖେଳିଲେ ସେମାନଙ୍କ ଠାରେ କୌଣସି ପ୍ରକାର ଅବିଗୁଣ ବା ଆଲର୍ଜି ବିକଶିତ ହେବାର ଆଶଙ୍କା କମ ରହେ ଏବଂ ସେମାନଙ୍କର ସ୍ୱୟଂକ୍ରିୟ ରୋଗ ପ୍ରତିରୋଧକତାରେ ଉନ୍ନତି ଘଟିଥାଏ ବୋଲି ଏକାଧିକ ଗବେଷଣାରୁ ସ୍ପଷ୍ଟ ହୋଇଛି।

ଉଲ୍ଲେଖଯୋଗ୍ୟ ଶିଶୁର ଆଦ୍ୟାବସ୍ଥାରେ ତାହାର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବିକଶିତ ହେବାକୁ ଆରମ୍ଭ କଲାବେଳେ ଶରୀରର ରକ୍ଷାକାରୀ କୋଷଗୁଡ଼ିକ ନିଜସ୍ୱ କୋଷ ଓ ବାହ୍ୟ ପଦାର୍ଥ ମଧ୍ୟରେ ତଫାତ କଣ ତାହା ଶିଖିଥାଏ। ବୀଜାଣୁ ଓ ଭୂତାଣୁ ପରି ବାହ୍ୟ ରୋଗଜୀବାଣୁଗୁଡ଼ିକୁ ଠଉରେଇ ତଦନୁସାରେ ସେମାନଙ୍କ ଉପରେ ଆକ୍ରମଣ କରି ଶରୀରରୁ ହଟାଇଥାଏ। ତେଣୁ ବାଲ୍ୟ କାଳରେ ଧୂଳିକଣା ବା ବାୟୁରେ ରହିଥିବା ଅଣୁଜୀବମାନଙ୍କ ସଂସ୍ପର୍ଶରେ ଶିଶୁଟି ଯେତେ ଅଧିକ ଆସିପାରିବ ତାହାର ରୋଗପ୍ରତିରୋଧକତା ପ୍ରଣାଳୀ ସେତେ ଅଧିକ ବାହ୍ୟ ଶତ୍ରୁମାନଙ୍କୁ ଚିହ୍ନିପାରିବ। ଏପରିକି ପୋଷା ଜୀବ ରହୁଥିବା ଘରେ ବଢ଼ୁଥିବା ଶିଶୁଙ୍କର ରୋଗ ପ୍ରତିରୋଧକତା ଅନ୍ୟମାନଙ୍କ ଠାରୁ ଯଥେଷ୍ଟ ଅଧିକ ହୋଇଥାଏ ବୋଲି ମଧ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ। ଅପରପକ୍ଷେ, ବାରଣ ଯୋଗୁଁ ବାହାରକୁ ଯାଇ ଖେଳିବା ବା ବୁଲାଚଲା କରିପାରୁନଥିବା ଶିଶୁମାନେ ଦୁର୍ବଳ ରୋଗ ପ୍ରତିରୋଧକତା ଯୋଗୁଁ ବାହ୍ୟ ରୋଗଜୀବାଣୁମାନଙ୍କର ଅଧିକ ଶିକାର ହୋଇଥାନ୍ତି। ତେଣୁ ଶିଶୁମାନଙ୍କୁ ବାହାରେ ଖେଳିବା ପାଇଁ ଉତ୍ସାହିତ କରିବା ସେମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି ପରାମର୍ଶ ଦିଆଯାଇଛି। ତେବେ ଆମ ଲେଖାର ଉଦ୍ଦେଶ୍ୟ ବା ଆମେ ସ୍ୱାସ୍ଥ୍ୟ ଅନୁମୋଦିତ ଭାବେ ପରାମର୍ଶ ଦେଉନାହୁଁ ଯେ ଜଣେ ପିଲାଟି ନିର୍ଦ୍ଦିଷ୍ଟ ଭାବେ ଯେ କୌଣସି ପରିବେଶ ହେଉ ନା କାହିଁକି ଧୂଳିବାଲିରେ ସମୟ ଅତିବାହିତ କରୁ। କାରଣ ପ୍ରାୟତଃ ଅନେକ ଧୂଳିବାଲି ଓ ମାଟି ଉପରେ କିଛି ଅପରିଷ୍କାର ଆବର୍ଜନା ଓ ଅସ୍ୱଚ୍ଛ ଉପାଦାନମାନେ ଥାଆନ୍ତି ତେଣୁ ଏ କ୍ଷେତ୍ରରେ ସର୍ବନିମ୍ନ ସତର୍କତା ଅବଲମ୍ବନ କରି ଖେଳିଲେ ପିଲାଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ନଥାଏ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

# ଭାରତରେ ପ୍ରତି ୪ ମିନିଟରେ ଜଣଙ୍କର ଜୀବନ ନେଉଛି ସଡ଼କ ଦୁର୍ଘଟଣା

### ନାଟ୍ୟସାରଥି ଅଭୟ କୁମାର ଦାସ

ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%) ଜଣ ଯୁବ ବର୍ଗର। ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ। ରାଜ୍ୟରେ କୋଭିଡ୍ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି। ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି। ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତି ୪ ମିନିଟରେ ଜଣଙ୍କର ମୃତ୍ୟୁ ହେଉଥିବାବେଳେ ବର୍ଷକୁ ଚାଲିଯାଉଛି ଦେଢ଼ଲକ୍ଷ ବହୁ ମୂଲ୍ୟ ଜୀବନ। ଗତ ୨୦୨୩ରେ ୫୭୩୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟା ଥିଲା ୫୪୬୭। ୨୦୨୧ରେ ତାହା ଥିଲା ୫୦୮୧ଜଣ। ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ସଡ଼କ ସୁରକ୍ଷା ମାସ।

ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ। ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଉଦବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଘଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି। ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି। ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଢ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି। ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ।

ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା। ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନୀଲ ବଂଶଲ ଉଦବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି। ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ। ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟ ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ। ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର। ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ। ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି। ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି ଧରପଗଡ଼ କର। ହେଲେ ଅନୁପାଳନ ହେଉନାହିଁ। ଆଦୌ ନିର୍ଦ୍ଦେଶନାମା ମାନୁନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ। ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି। ଏଠାରେ ପ୍ରକାଶ ଥାଉକି ଚଳିତବର୍ଷ ଜାନୁଆରିରୁ ଜୁନ ମଧ୍ୟରେ ୫,୨୧,୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩,୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି। ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି। ବହୁ ଲାଇସେନ୍ସ ତିନିମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି। ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକଲାଇଟ ଓ ରିଫ୍ଲେକ୍ଟିଭ ଟେପ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ। ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# ମହିଳାଙ୍କ ହାଇପୋଥାଇରୋଏଡ଼ିଜିମ୍

### ଡାକ୍ତର କାନ୍ତୀ ନାୟକ

ହାଇପୋଥାଇରୋଏଡ଼ିଜିମ୍ ଏକ ମାରାତ୍ମକ ସମସ୍ୟା । ଏହା ଗଳଗ୍ରନ୍ଥି ବା ଥାଇରୋଏଡ୍ ହର୍ମୋନ୍ କ୍ଷରଣ କରିବାରେ ବାଧା ସୃଷ୍ଟି କରେ । ଗଳଗ୍ରନ୍ଥି କୋଷର ହର୍ମୋନ କ୍ଷରଣ କରିବାର କ୍ଷମତା ବି ହ୍ରାସ ପାଏ । ଥାଇରୋଏଡ୍ ହର୍ମୋନ ଟ୍ରାଇଓଡ୍‌ଥାଇରୋମାଇନ୍ (ଟି୩) ଏବଂ ଥାଇରୋକ୍ସିନ୍ (ଟି୪) କ୍ଷରଣ କମିଗଲେ ଏହା ପୂରା ଶରୀରକୁ ପ୍ରଭାବିତ କରେ । ଶରୀରିକ ଅଭିବୃଦ୍ଧିରେ ସଂକଟ ସୃଷ୍ଟିକରେ ।

ଗଳଗ୍ରନ୍ଥିରେ ସମସ୍ୟା ଦେଖାଦେଲେ ସ୍ୱର କର୍କଶ ହୋଇଆସେ । କେଶ ଝଡ଼ିଯାଏ ଓ ଦୁର୍ବଳତା ଦେଖାଯାଏ । ଆଖି ଓ ମୁହଁ ଫୁଲିଯାଏ । ଅନେକ ବ୍ୟକ୍ତି ଏହା ଚାପ ଯୋଗୁଁ ହେଉଛି ବୋଲି ଭାବନ୍ତି, କିନ୍ତୁ ଏହା ଠିକ୍ ନୁହେଁ । ଏହାକୁ ଅଣଦେଖା କଲେ ହୃଦ୍‌ରୋଗ, ଗର୍ଭଧାରଣରେ ଅକ୍ଷମତା ପ୍ରକାଶ ପାଏ । ଶହେ ଜଣ ବିଷାଦ ଗ୍ରସ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ୧୪ଜଣ ଗଳଗ୍ରନ୍ଥି ସମସ୍ୟାରେ ପୀଡ଼ିତ ଥିବାର ଜଣାପଡ଼ିଛି ।

ଥାଇରୋଏଡ୍ ଷ୍ଟିମୁଲେଟିଙ୍ଗ୍ ହର୍ମୋନ୍ (ଟିଏସ୍‌ଏଚ୍) ଟି୩ ଓ ଟି୪ ହର୍ମୋନକୁ ନିୟନ୍ତ୍ରଣ କରେ । ଥାଇରୋଏଡ୍ ହର୍ମୋନ୍ ଟି୩ ଓ ଟି୪ କ୍ଷରଣ କମ୍ ବେଶୀ ହେବା ଟିଏସ୍‌ଏଚ୍ ସ୍ତର ସାଧାରଣ ରହିଲେ ଟି୩ ଓ ଟି୪ ହର୍ମୋନ କ୍ଷରଣ କମିଗଲେ ଟିଏସ୍‌ଏଚ୍ ସ୍ତର ରକ୍ତରେ ବଢ଼ିଯାଏ । ପିଟ୍ୟୁଟାରୀ ଗ୍ଲାଣ୍ଡ ଦ୍ୱାରା ଟିଏସ୍‌ଏଚ୍ କ୍ଷରଣ ହୋଇଥାଏ । ଏହି ଗ୍ଲାଣ୍ଡ କମ୍ ପରିମାଣର ଟିଏସ୍‌ଏଚ୍ କ୍ଷରଣ କରିବା ଦ୍ୱାରା ହୋଇପୋଥାଏରୋଡ଼ିଜିମ୍ ଦେଖାଦିଏ । ଅନ୍ୟପକ୍ଷରେ ପୁଟ୍ୟୁଟାରୀ ଗ୍ଲାଣ୍ଡକୁ ନିୟନ୍ତ୍ରଣ କରୁଥିବା ହାଇପୋଥାଲାମସ୍ ଅକାମୀ ହୋଇଗଲେ ଟିଏସ୍‌ଏଚ୍ ପ୍ରଡ଼କ୍ସନ କମିଯାଏ । ଏହା ବି ହୋଇପୋଥାଏରୋଡ଼ିଜିମ୍‌ର ଆଉ ଏକ କାରଣ । ହାଇପୋଥାଲାମସ୍ ଦ୍ୱାରା କ୍ଷରଣ ହେଉଥିବା ଥାଇରେଟ୍ରୋପିନ୍ ହର୍ମୋନ୍ ପିଟ୍ୟୁଟାରୀ ଗ୍ଲାଣ୍ଡକୁ ନିୟନ୍ତ୍ରଣ କରିଥାଏ ।ହାଇପୋଥାଇରୋଏଡ଼ିଜିମ୍ ମହିଳାମାନଙ୍କର ବେଶୀ କ୍ଷତିକରେ । ଥାଏରୋଏଡ୍ ହର୍ମୋନ୍ ସ୍ତର କମ୍ ରହିବା କାରଣରୁ ମହିଳା ମାନଙ୍କର ଗର୍ଭଧାରଣ କ୍ଷମତା କମିଯାଏ । ଏହା ଶରୀରରେ ପ୍ରୋଲାକ୍ଟିନ୍ ସ୍ତର ବୃଦ୍ଧିକରେ କିମ୍ବା ସିଧାସଳଖ ଡିମ୍ବାଣୁ ଉପରେ ପ୍ରଭାବ ପକାଏ । ପ୍ରୋଲାକ୍ଟିନ୍ ସ୍ତର ବୃଦ୍ଧିହେଲେ ଏହା ଡିମ୍ବାଣୁ ସୃଷ୍ଟିରେ ବାଧା ଆଣେ ଓ ଋତୁସ୍ରାବର ସମୟକୁ ଏପାଖ ସେପାଖ କରିଦିଏ । ପଲିଷ୍ଟିକ୍ ଓଭାରିଆନ୍ ସିନ୍‌ଡ୍ରମ ଓ ମେଦ ବହୁଳତା ମଧ୍ୟ ମହିଳା ମାନଙ୍କ ଠାରେ ପ୍ରକାଶ ପାଏ । ହାଇପୋଥାଇରୋ ଏଡ଼ିଜିମ୍‌ରେ ମହିଳାମାନଙ୍କ ଓଜନ ଅନେକ କ୍ଷେତ୍ରରେ ୧୫-୨୦ କିଲୋ ବୃଦ୍ଧି ପାଇଥାଏ । ଏହା କିନ୍ତୁ ଅତି ଖରାପ । ବ୍ୟାୟାମ ଓ ଖାଦ୍ୟରେ ପରିବର୍ତ୍ତନ ଆଣି ଏହାକୁ ଆୟତ୍ତରେ ରଖିବାକୁ ପଡ଼ିଥାଏ।

ହାଇପୋଥାଇରୋଡ଼ିଜିମ୍ ସଂକଟଜନକ ସ୍ଥିତିରେ ଥିଲେ ଗର୍ଭସଂଚାର ବି ସମ୍ଭବ ହୁଏନାହିଁ । ଗର୍ଭଧାରଣ କରିଥିବା ସମୟରେ ଯଦି ଏହି ସମସ୍ୟା ଆସେ ତେବେ ତା'ର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼େ । ଏପରିକି ଶିଶୁର ଅବସ୍ଥା ସାଂଘାତିକ ହୋଇଯାଏ । ଭ୍ରୂଣ ବିକଶିତ ହୋଇପାରେ ନାହିଁ । ତା'ର ବୌଧିକ ଅବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୁଏ । ଏହା ଥାଇରୋକ୍ସିନ୍ ହର୍ମୋନ୍ ଅଭାବରୁ ହିଁ ହୋଇଥାଏ । ଏଣୁ ଗର୍ଭଧାରଣ ପୂର୍ବରୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ପରେ ହିଁ ଆଗେଇବା ଦରକାର । ହାଇପୋଥାଇରୋଏଡ଼ିଜିମ୍ କ୍ଷେତ୍ରରେ ଲକ୍ଷଣ ହେଉଛି ରୋଗୀର କ୍ରମଶଃ ଓଜନ ବଢ଼ିବା ସହ ଦୁର୍ବଳତା ଦେଖାଦେଇଥାଏ । ମୁହଁ ଓ ଆଖି ଫୁଲିଯିବା ସହ ଗଣ୍ଠି ତଥା ମାଂସପେଷୀରେ ଭୀଷଣ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଭୁଲାପଣ ରହିବା ସହ ମୁଣ୍ଡ ଏପରିକି ଆଖି ପତାରୁ କେଶ ମଧ୍ୟ ଝଡ଼ିବା ଆରମ୍ଭ କରେ । ସେହିପରି କୌଣସି କାର୍ଯ୍ୟରେ ପ୍ରାୟତଃ ଆଗ୍ରହ ଲାଗିନଥାଏ । କଣ୍ଠସ୍ୱର କର୍କଶ ହେବା ସହ କିଛି ରୋଗୀମାନଙ୍କ କ୍ଷେତ୍ରରେ ହୃଦ୍ ସ୍ପନ୍ଦନ ମନ୍ଥର ହୋଇଯାଏ । ଏହି ସମସ୍ୟା ବେଳେ ରୋଗୀଟି ଥଣ୍ଡା ସହିପାରି ନଥାଏ । ଭୋକ ନହେବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯିବା ସହ ଅନିୟମିତ ଋତୁସ୍ରାବ ସମସ୍ୟା ମଧ୍ୟ ଯନ୍ତ୍ରଣା ଦେଇଥାଏ ।

ହାଇପୋଥାଇରୋଏଡ଼ିଜିମ୍ ବା ହାଇପରଥାଇରୋଏଡ଼ିଜିମ୍ ନିରୂପଣ କରିବାକୁ ଶାରୀରିକ ପରୀକ୍ଷା ତଥା ବ୍ୟକ୍ତିର ଅସୁସ୍ଥତା ସମ୍ପର୍କିତ ଇତିହାସକୁ ଅନୁଧ୍ୟାନ କରାଯାଏ । ଶାରୀରିକ ପରୀକ୍ଷା ସମୟରେ ଆଖି, ତ୍ୱଚା, ହାର୍ଟ ଓ ନ୍ୟୁରୋଲୋଜିକ୍ ଉପରେ ଗୁରୁତ୍ୱ ଦିଆଯାଏ । ରକ୍ତ ପରୀକ୍ଷା କରି ଏଏସ୍‌ଏଚ୍‌ଙ୍କ ଟି୩ ଓ ଟି୪ ସ୍ତର ନିରୂପଣ କରିବାକୁ ହୁଏ । ଏହା ବ୍ୟତୀତ କ୍ୟାମେଲ୍ ଓ କୋବ୍ରା । ଭଙ୍ଗୀ ଓ ପଶ୍ଚିମୋତାସନ ଅଭ୍ୟାସ କରାଯାଏ ।

# ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା

### ରବିନାରାୟଣ ସେନାପତି

ଦୟାଭାବ ଓ ନିଃସ୍ୱାର୍ଥପରତା ସହ କରାଯାଉଥିବା ସେବା ହିଁ ପ୍ରକୃତ ସେବା। ବନ୍ଧୁ ଭାବର ତଥା ଶ୍ରଦ୍ଧାପୂର୍ବକ କରାଯାଉଥିବା ସେବା ହିଁ ପ୍ରଶାନ୍ତି ନିଳୟମକୁ ପଡ଼ିଥିବା ରାଜପଥ। ଭଗବାନ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି ଯେ, ଏ ଜୀବନ ସ୍ୱାର୍ଥରହିତ ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ, ସ୍ୱାର୍ଥପର ଅଭିଳାଷ ପୂରଣ କରିବା ପାଇଁ ନୁହେଁ। ମାନବ ଜାତିର ଏକତ୍ୱ ଉପଲବ୍ଧ ହୋଇପାରିବ କେବଳ ନିଃସ୍ୱାର୍ଥ ସେବା ମାଧ୍ୟମରେ। ନିଃସ୍ୱାର୍ଥ ସେବା ହିଁ କର୍ମଯୋଗର ରହସ୍ୟ। ଏପରି ନିଃସ୍ୱାର୍ଥପର ସେବା ପ୍ରଦାନ କରୁଥିବା ବ୍ୟକ୍ତିମାନେ ସମାଜରେ ସମ୍ମାନ ଲାଭ କରିଥାନ୍ତି ଏବଂ ସମ୍ମାନ ଲାଭ କରିଥିବା ବ୍ୟକ୍ତିମାନେ ଈଶ୍ୱରଙ୍କ କୃପା ଲାଭ କରିବା ପାଇଁ ଯୋଗ୍ୟ ହୋଇଥାନ୍ତି। ଆମ ସମସ୍ତଙ୍କୁ ଏହି ସତ୍ୟକୁ ଜାଣିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଙ୍ଗେ ସଙ୍ଗେ ତ୍ୟାଗ ଭାବ ଥିବା ଦରକାର। ଯେଉଁ ସେବା କର୍ମରେ ନିଃସ୍ୱାର୍ଥପରତା ଓ ଭଗବାନଙ୍କ ପ୍ରତି ଉତ୍ସର୍ଗୀକୃତ ଭାବ ମିଶିଥାଏ, ତାହା ହିଁ ନିଃସ୍ୱାର୍ଥପର ସେବା ପଦବାଚ୍ୟ। ସମଗ୍ର ମାନବ ଜାତି ପାଇଁ ପ୍ରେମ ଭାବ ହିଁ ଜୀବନି ଶକ୍ତି ତଥା ତ୍ୟାଗର ସୌରଭ। ଜଣେ ଯେତେ ବଡ଼ ମଣିଷ ହୋଇଥାଉ ପଛକେ ତାକୁ ବୁଝିବାକୁ ହେବ ଯେ, ଜୀବନ କେବଳ ନିଃସ୍ୱାର୍ଥପର ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ। ସେବା କଲାବେଳେ ବୃଥା ଆଡ଼ମ୍ବର ନରହି ବିଶାଳ ହୃଦୟ ସହ ପ୍ରେମଭାବକୁ ଅଭିବୃଦ୍ଧି କରିବା ଜରୁରୀ। ସତ୍ୟସାଇ ସଙ୍ଗଠନର କର୍ମୀମାନେ ସଙ୍ଗଠନର ମେରୁଦଣ୍ଡ। ଆମେ ଯେଉଁ ସେବା କରୁନା କାହିଁକି, ତାହା ନିଃସ୍ୱାଥପର ଭାବରେ ହେବା ଉଚିତ। ତାହେଲେ ଯାଇ ଆମେ ଜୀବନର ସର୍ବୋଚ୍ଚ ସୋପାନରେ ପହଞ୍ଚି ପାରିବା। ସେବା କର୍ମଟି ଛୋଟ ହୋଇପାରେ, କିନ୍ତୁ କର୍ମ କରାଯିବା ସମୟରେ ମହାନୁଭବତାର ସହ କରାଗଲେ ମହତ୍ ଫଳ ପ୍ରଦାନ କରେ। ଗାଈ ସାମାନ୍ୟ ଘାସ ଖାଏ କିନ୍ତୁ ଅତି ମୂଲ୍ୟବାନ ଦୁଗ୍ଧ ପ୍ରଦାନ କରିଥାଏ। ଆମ ସଙ୍ଗଠନରେ ଆମେ ଏହି ଏକତ୍ୱ ଭାବର ଅଭିବୃଦ୍ଧି ଘଟାଇବା ଦରକାର। ପ୍ରତ୍ୟେକ ମଣିଷ ସମାନ ଏବଂ ସମସ୍ତେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ କେବଳ ଭିନ୍ନ ଭିନ୍ନ ନାମ ଓ ରୂପକୁ ଦେଖି ଆମେ ସୃଷ୍ଟିର ଅନ୍ତର୍ନିହିତ ତତ୍ତ୍ୱକୁ ଭୁଲିଗଲେ ହେବନାହିଁ। ଏହି ମୌଳିକ ସତ୍ୟକୁ ନବୁଝି ଯେତେ ସେବାକର୍ମ କଲେ ମଧ୍ୟ ତାହା ସାର୍ଥକ ହେବନାହିଁ। ସେ କର୍ମ ସତ୍‌କର୍ମ ହେବ ନାହିଁ।

ମାନବୀୟ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଦିବ୍ୟ ଜୀବନ ପାଇଁ ଭଗବାନ ଶ୍ରୀସତ୍ୟସାଇଙ୍କ ଅପାର କରୁଣାରୁ ଗତ ୨୦୨୨ ଗୁରୁପୂର୍ଣ୍ଣିମା ଦିବସରୁ ରାଜ୍ୟରେ ଆରମ୍ଭ ହୋଇଛି ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା। ବର୍ତ୍ତମାନ ସୁଦ୍ଧା ୨୮ ଗୋଟି ରାଜସ୍ୱ ଜିଲ୍ଲା ପରିକ୍ରମା କରିସାରିବା ପରେ ଡିସେମ୍ବର ୧୫ ତାରିଖରେ କଟକ ଜିଲ୍ଲାର ନୂଆ




ଶାସନ ଠାରେ ପ୍ରବେଶ କରିବା ପରେ ପରବର୍ତ୍ତୀ ସମୟରେ ଏହା ଆଠଗଡ଼, ମାଣିଆବନ୍ଧ, ବାଙ୍କୀର ସତ୍ୟସାଇ ସେବା ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମକୁ ପରିଭ୍ରମଣ କରି ଏହା ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଓ ସ୍ପର୍ଶନର ସୁଯୋଗ ପ୍ରଦାନ କରିଛି। ସ୍ମରଣୀୟ ନୂଆ ବର୍ଷରେ ମୁଣ୍ଡଳୀର ଗୋବିନ୍ଦପୁର ଛକରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ କଟକକୁ ହସ୍ତାନ୍ତର କରାଯିବା ପରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶହେତମ ଜନ୍ମୋତ୍ସବ ବର୍ଷ ହୋଇଥିବାରୁ ଆନନ୍ଦ ଉଲ୍ଲାସ ଓ ଆଧ୍ୟାତ୍ମିକ ଉନ୍ମୀଳନ ଭିତରେ ଆଶ୍ରିତମାନେ ରଥାରୁଢ଼ ପାଦୁକାଙ୍କୁ ସ୍ୱାଗତ କରିବା ସହ ଦିବ୍ୟ ଦର୍ଶନ ଓ ସ୍ପର୍ଶନର ସୁଯୋଗ ପାଉଛନ୍ତି। ଉକ୍ତ ପାଦୁକାଟି କୋଟି କୋଟି ଶ୍ରୀ ସତ୍ୟସାଇ ଆଶ୍ରିତ ମାନଙ୍କ ନିମନ୍ତେ ଅତିବ ଗୁରୁତ୍ୱପୂର୍ଣ୍ଣ କାରଣ ସ୍ୱୟଂ ଭଗବାନ ଶ୍ରୀ ସତ୍ୟସାଇ ମହାପ୍ରୟାଣ ପୂର୍ବରୁ ଉକ୍ତ ପ୍ରସ୍ଥର ଉପରେ ସେ ନିଜର ଦିବ୍ୟ ପାଦୁକା ରଖିଥିଲେ। ମନେପଡୁଛି ପୌରାଣିକ ଶବରୀ, ଭକ୍ତ ଶ୍ରେଷ୍ଠ ହନୁମାନ, ଭକ୍ତ ଅହଲ୍ୟା ଓ ଅଗଣିତ ଭକ୍ତ ମାନଙ୍କର ଭକ୍ତି ଆବେଗର ଜୀବନ ଚରିତ। ଭଗବାନଙ୍କ ପାଦ ପଦ୍ମର ସ୍ମରଣୀୟ ପାଦୁକା କଟକ ସହର ମଧ୍ୟରେ ପ୍ରବେଶ କରିବା ପରେ ଆନନ୍ଦ ଉଲ୍ଲାସ ସମସ୍ତଙ୍କ ଭିତରେ ଖେଳି ଯାଇଛି। କଟକର ସୁଭଦ୍ରାପୁର ଠାରୁ ଗ୍ରାହାମ୍ବା ସିଠାଳ ଦେଇ ୫ ତାରିଖ ଦିନ ଦକ୍ଷିଣାଞ୍ଚଳ କଟକ, ମଣିବାଡ଼ ଝାରକଟା ଦେଇ ୬ ତାରିଖ ଦିନ ୪.୩୦ ମିନିଟରେ ବଜ୍ରକବାଟି ଠାରେ ପଶ୍ଚିମାଞ୍ଚଳ ଶ୍ରୀ ସତ୍ୟସାଇ ଜୋନ ମଧ୍ୟରେ ପ୍ରବେଶ କରି ବ୍ରଜବିହାରୀପୁର ଗ୍ରାମକୁ ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ରହିଛି। ବ୍ରଜବିହାରୀପୁର ଠାରୁ ସନ୍ଧ୍ୟାରେ ସିଡିଏ ସେକ୍ଟର-୧୦ସ୍ଥିତ ଦୁର୍ଗାମଣ୍ଡପ କମ୍ୟୁନିଟି ସେଣ୍ଟରରେ ରାତ୍ରି ଯାପନ ପରେ ୭ ତାରିଖ ଦିନ ସକାଳେ ଓଁକାରମ୍ ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା ସହ ଦିବ୍ୟ ପାଦୁକା ରଥକୁ ଫୁଲରେ ପୁଷ୍ପାଭିଷେକ କରି ପରବର୍ତ୍ତୀ ସମୟରେ ରଥୋତ୍ସବ ଆରମ୍ଭ ହେବ। ଅଗଣିତ ଆଶ୍ରିତ ମାନଙ୍କ ପ୍ରାର୍ଥନା ଓ ସଂକଳ୍ପକୁ ଦୃଷ୍ଟିରେ ରଖି ବିଭିନ୍ନ ବିଦ୍ୟାଳୟ ପରିସର ଓ ସହରର ମୁଖ୍ୟ ରାସ୍ତା ଦେଇ ବିଡ଼ାନାସୀ, ସତୀଚଉରା, କାଫଲା, ଡଗରପଡ଼ା, ଚାନ୍ଦିନୀଚୌକ, ଜୁଡ଼ିସିଆଲ ଏକାଡ଼େମୀ, ସେକ୍ଟର-୭, ସେକ୍ଟର-୬ରେ ପହଞ୍ଚି ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିକଟରେ ମହାପ୍ରସାଦ ସେବନ ପରେ ପୁନଶ୍ଚ ଏହା ସିଡ଼ିଏର ସେକ୍ଟର-୮, ୯, ୧୦ ଓ ୧୧ ପରିକ୍ରମା କରି ସେକ୍ଟର-୧୦ସ୍ଥିତ କମ୍ୟୁନିଟି ସେଣ୍ଟରରେ ରାତ୍ରୀ ଯାପନ କରିବେ। ୭ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସତ୍ୟସାଇ ଭଜନ ଗ୍ରୁପ ଓଡ଼ିଶା ଦ୍ୱାରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କାର୍ଯ୍ୟକ୍ରମକୁ ପ୍ରମୁଖ କର୍ମକର୍ତ୍ତା ପୂର୍ବତନ ଆବାହକ ଭବାଶିଷ ଦାସ, ରବିନାରାୟଣ ସେନାପତି, ପ୍ରକାଶ ବେଉରା, ଶୈଳେସ ଦାସ ପରିଚାଳନା କରିବା ସହ କଟକ ସଂଗଠନର ଜିଲ୍ଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି ଓ ଆବାହକ ଗୌତମ ତ୍ରିପାଠୀ ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି।

ଭଗବାନ ଶ୍ରୀ ସାଇଙ୍କ ଦିବ୍ୟ ପାଦୁକା ଆମ ସମସ୍ତଙ୍କୁ ସାଇ ଚିନ୍ତନର ଓ ସେବାର ମହକକୁ ପ୍ରଚାର ପ୍ରସାର କରିବା ପାଇଁ ମାର୍ଗ ଦେଖାଉ ଓ ଆମ୍ଭେମାନେ ଦାସାନୁଦାସ ହୋଇ ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ କାମ କରିବାକୁ ଆଧ୍ୟାତ୍ମିକ ଶକ୍ତିପ୍ରଦାନ କରୁ ଏହା ହିଁ ପ୍ରାର୍ଥନା। ଓଡ଼ିଶାରେ ସାଇ ପ୍ଲାବନ ପ୍ରତିଟି ଜିଲ୍ଲା, ପ୍ରତିଟି ସ୍ଥାନରେ ପହଞ୍ଚି ପାରିଛି। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶକ୍ତି ଓ ଆକର୍ଷଣ ଏତେ ମହାନ ଓ ବ୍ୟାପକ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବିଶ୍ୱର ପ୍ରାୟ ସବୁ ଦେଶର ଅଧିବାସୀ ମାନଙ୍କ ମଧ୍ୟରୁ ବେଶ୍ ଆଜି ଉଲ୍ଲେଖଯୋଗ୍ୟ ସଂଖ୍ୟାରେ ଆଜି ଶ୍ରୀ ସତ୍ୟସାଇ ବାବାଙ୍କୁ ଭଗବାନଙ୍କ ପୂର୍ଣ୍ଣ ଅବତାର ଭାବରେ ଗ୍ରହଣ କରିସାରିଲେଣି। ସମସ୍ତ ଧର୍ମ ସ୍ୱୀକାର କରେ ଯେ ଭଗବାନ କରୁଣା ବଳରେ ମଣିଷ ଜୀବନର ସାର୍ଥକତା ପ୍ରତିପାଦିତ ହୋଇପାରିବ, ଏକଥା ସତ୍ୟ ହେଲେ ବି କିପରି ଭଗବାନଙ୍କ କରୁଣା ଲାଭ କରିହେବ ସେ ସମ୍ପର୍କରେ ବାବାଙ୍କ ଦିବ୍ୟବାଣୀ ହେଲା, 'ତୁମର ଉଦ୍ୟମ ପ୍ରଥମ, ଭଗବାନଙ୍କ କରୁଣା ଦ୍ୱିତୀୟ।' ଏହାଦ୍ୱାରା ସେ ଭଗବାନ କରୁଣାକୁ ନ୍ୟୁନ କରିନାହାନ୍ତି ବରଂ ଏହାର ସର୍ବବ୍ୟାପକତା ବିଷୟରେ ସଚେତନ କରିଦେଇଛନ୍ତି। ସାଇଙ୍କ କର୍ମ ହିଁ, ସେ ଅତିମାନସ ଦିବ୍ୟଶକ୍ତି ଯେ ଜୀବ ଜଗତ ମଧ୍ୟରେ ପରିବ୍ୟାପ୍ତ ସେହି ଚେତନା ଜାଗ୍ରତ କରାଇବା - ପ୍ରତ୍ୟେକ ବ୍ୟକ୍ତି କାହିଁକି ସଂସାର ସବୁକିଛିକି ରୂପାନ୍ତରିତ କରିବା। ଭଗବାନ ବାବାଙ୍କ ଅମୃତ ସମ୍ଭାଷଣ ଆମ ସମସ୍ତଙ୍କୁ ଦିବ୍ୟ ପଥରେ ଅଗ୍ରଗତି କରାଇବା ପାଇଁ ପଥ ଦେଖାଉ ଏହା ହିଁ କାମନା। ବାବା ତାଙ୍କ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - 'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ। ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶ୍ୟଃ ଶୂଦ୍ରଃ। ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥ। ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍'।

ପୂର୍ବତନ ଆବାହକ, ଶ୍ରୀସତ୍ୟସାଇ ସେବା
ସମିତି, କଟକ, ଦୂରଭାଷ :
୯୪୩୮୨୦୪୮୯୧









## ହିନ୍ଦୋଳ ଏସ,ଡ଼ି,ଜେ,ଏମ ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସବଜଜ୍ଜ କୋର୍ଟ ବିଚାରପତି ପ୍ରତ୍ୟୁଷକ୍ଷ କିରଣ ଙ୍କ ପଦୋର୍ନତି ପରେ ବଦଳି ହୋଇଯାଇଛି ଏବଂ ଏହି ଉପଲକ୍ଷେ ହିନ୍ଦୋଳ ବାର ଆସୋସିଏସନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।ଶ୍ରୀମତୀ କିରଣ ହିନ୍ଦୋଳ କୋର୍ଟ ରେ ଗତ ୬/୨/୨୦୨୩ରେ କାର୍ଯ୍ୟରେ ଯୋଗଦାନ ଦେବା ପରେ ନିଜ କର୍ତ୍ତବ୍ୟରେ ସଚୋଟ ଭାବରେ ପରିଚାଳନା କରି ନ୍ୟାୟ ଦେବାରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଥିଲେ। ଶ୍ରୀମତୀ କିରଣ ଜଣେ ଦକ୍ଷ,ସଚୋଟ ମେଳାପୀ ତଥା ନ୍ୟାୟାବନ୍ତ ବିଚାରପତି ଭାବରେ ଖୁବ କମ ଦିନରେ ଆଇନଜୀବୀ,କର୍ମଚାରୀ,ବୁଦ୍ଧିଜୀବୀ ଏବଂ ଜନସାଧାରଣରେ ପ୍ରିୟପାତ୍ର ହୋଇପାରିଥିଲେ। ତେବେ ଶ୍ରୀମତୀ କିରଣ ଝାରସୁଗୁଡା ମହିଳା ସିଭିଲ କୋର୍ଟର ସିଭିଲ ଜଜ୍ଜ ସିନିୟର ଡିଭିଜନ ରେ ଯୋଗଦାନ କରିବେ ବୋଲି ଜଣାପଡିଛି। ଆଜି ହିନ୍ଦୋଳ ଆଇନଜୀବୀ ସଂଘ ଓ କୋର୍ଟ କର୍ମଚାରୀ ଙ୍କ ପକ୍ଷରୁ ଏସଡ଼ିଜେଏମ ଶ୍ରୀମତୀ କିରଣ ଙ୍କୁ ବିଦାୟ ସମ୍ବର୍ଦ୍ଧନାରେ ପୁଷ୍ପଗୁଚ୍ଛ ଓ ଉ□ରୀୟ ଦେଇ ବିଦାୟ ଜଣାଯାଇଥିଲା। ଏଥିସହ ଆଇନଜୀବୀ ମାନେ ଶ୍ରୀମତୀ କିରଣ ଙ୍କ କାର୍ଯ୍ୟଶୈଳୀ କୁ ଉଚ୍ଚପ୍ରଶଂସା କରି କହିଥିଲେ ବିଚାରପତି ଭାବରେ ସବୁଦିନ ମନେ ରହିବେୟ ବିଚାରପତି ଶ୍ରୀମତୀ ପ୍ରତ୍ୟୁଷା କିରଣ ମଧ୍ୟ ବିଦାୟ ଅବସରରେ ଭାବବିହ୍ୱଳ ହୋଇପଡି ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ରେ ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକ, କ୍ଷିତୀଶ କୁମାର ସର, ଅଭୟ ଆଚାର୍ଯ୍ୟ, ସୁରେଶ ବାରିକ, ପ୍ରକାଶ ଚନ୍ଦ୍ର ନାୟକ, ଦିପ୍ତୀକାନ୍ତ ପ୍ରଧାନ, ବିବେକ ପଣ୍ଡା,ପ୍ରଶାନ୍ତ ସାହୁ, ମନୋଜ ମହାଳିକ, ସଂଜୟ ପଟ୍ଟନାୟକ, ବିକଳ ମହାରଣା, ସନ୍ତୋଷ ନାଏକ, ପ୍ରଦୀପ ମିଶ୍ର, ସୁଶାନ୍ତ ମିଶ୍ର, ଦିବାକର ପଟ୍ଟନାୟକ, ଲୋରିଲିପଶା ମୁଦୁଲି, ଅରୁଣ କୁମାର ଦାସ, ଦିପ୍ତୀସ କୁମାର ପଟ୍ଟନାୟକ, ବିଶ୍ୱଜିତ କୁମାର, ପ୍ରଶାନ୍ତ କୁମାର ସାହୁ ଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ପୂର୍ଣ୍ଣ ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ ଦସ୍ତଖତ ଅଭିଯାନ




ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ବହୁ ପୁରାତନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ହିନ୍ଦୋଳ ମହାବିଦ୍ୟାଳୟରେ ବିଗତ ୨୦୦୮ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ଅଣ- ଅନୁଦାନ ପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ମହାବିଦ୍ୟାଳୟ ପରିଚାଳନା କମିଟି ଠାରୁ ସ୍ୱଳ୍ପ ବେତନ ପାଇ ମହାବିଦ୍ୟାଳୟ କାର୍ଯ୍ୟ କରିବା ସହ ରାଜ୍ୟ ସରକାରଙ୍କ ନିର୍ବାଚନ କାର୍ଯ୍ୟ ଓ ଲୋକାଭିମୁଖୀ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରି ଆସୁଅଛନ୍ତି । ଗୋଟିଏ ଶିକ୍ଷାନୁଷ୍ଠାନରେ ସମାନ କାମକୁ ସମାନ ବେତନ ଏବଂ ପୂର୍ଣ୍ଣ ଅନୁଦାନ ଦାବିନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଙ୍ଘ ପକ୍ଷରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରୀକଙ୍କ ଠାରୁ ଦସ୍ତଖତ ଅଭିଯାନ ଚାଲୁରହିଛି । ଏଥିନେଇ ୧୦ ତାରିଖ ଦିନ ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଅନୁଦାନରୁ ବଞ୍ଚିତ ହୋଇଥିବା ମହାବିଦ୍ୟାଳୟର ଅଧ୍ୟାପକ କୃପାସିନ୍ଧୁ ବେହେରା, ବ୍ରଜକିଶୋର ବେହେରା, ସୁବ୍ରତ ସ୍ମୃତିରଞ୍ଜନ ମିଶ୍ର, ଲାଇବ୍ରେରୀଆନ ପବିତ୍ର ମୋହନ ବେହେରା, କର୍ମଚାରୀ ଚନ୍ଦ୍ରକାନ୍ତ ସାହୁ, ପ୍ରିତମ କୁମାର ଜେନାମଣି, ସହାୟକା ଜିନୁ ବିଶ୍ୱାଳ, ସତ୍ୟଭାମା ସାହୁ, କାବେରୀ ବିଶ୍ୱାଳ, ସହାୟକ ଜିତେନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ନାଏକ ତଥା ଟୁନା ଗୋଛାୟତ ପ୍ରମୁଖ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ।

## ଚତୁର୍ଥ ସମୀର ମେମୋରିଆଲ ଗିରାଙ୍ଗ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଅନୁଗୋଳ ( ମହାଭାରତ) : ଶୁକ୍ରବାର ଦିନ ନାଲକୋ ନଗର ସ୍ଥିତ ସ୍ମଶାନ ପଡିଆ ଗିରାଙ୍ଗ ଠାରେ ଚତୁର୍ଥ ସମୀର ମେମୋରିଆଲ ଗିରାଙ୍ଗ ଟୁର୍ଣ୍ଣାମେ□ ଉଦଘାଟିତ ହୋଇଯାଇଛି । ବାଗଦେବୀ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ□ ୯ ଦିନ ଧରି ଚାଲିବା ସହ ୧୯ ତାରିଖ ଦିନ ଉଦଯାପନୀ ମ୍ୟାଚ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟ□ରେ ୧୬ ଗୋଟି କ୍ରିକେଟ ଟିମ ଅଂଶ ଗ୍ରହଣ କରିବେ । ଶୁକ୍ରବାର ଦିନ ପ୍ରଥମ ଦିବସର ପୂର୍ବାହ୍ନରେ କୁଲାଡ଼ କ୍ରିକେଟ ଟିମ ସହ ମହିତଳା କ୍ରିକେଟ ଟିମ ସହ ଖେଳ ହୋଇଥିଲା। ୧୦ ଓଭରରେ ୭ ଟି ୱେକେଟ ହରାଇ ୧୨୦ ରନ କୁଲାଡ଼ କ୍ରିକେଟ ଟିମ ସଂଗ୍ରହ କରିଥିଲା । ତାର ଜବାବରେ ମହିତଳା ୧୦ ଓଭରରେ ୮୬ ରନ୍ କରି ପରାଜୟ ବରଣ କରିଥିଲା । ମ୍ୟାନ ଅଫ୍ ଦି ମ୍ୟାଚ ଗୁଗୁଲକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଅପରାହ୍ନ ଦ୍ୱିତୀୟ ମ୍ୟାଚଟି ପିଙ୍ଗୁଆ ସହ କାଣ୍ଡସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପିଙ୍ଗୁଆ ୧୨ ଓଭରରେ ୮ ୟୁକେଟ ହରାଇ ୧୦୧ ରନ୍ କରିଥିଲା । ଏହାର ପ୍ରତି ଜବାବରେ କାଣ୍ଡସର କ୍ରିକେଟ ଟିମ ୧୨ ଓଭରରେ ୧୦୫ ରନ୍ କରି ପରବର୍ତ୍ତୀ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଥିଲା । ଏଥିରେ ମ୍ୟାନ ଅଫ୍ ଦି ମ୍ୟାଚ ଚିଣ୍ଟୁ ଙ୍କୁ ଟ୍ରଫି ପ୍ରଦାନ କରାଯାଇଅଛି । ଆଜିର ମୁଖ୍ୟ ଅତିଥି ସମାଜ ସେବୀ ଅନ୍ତର୍ଯାମୀ ସାମଲ ଯୋଗ ଦେଇଥିବା ବେଳେ ଧାରା ବିବରଣୀ ଅବିନାଶ ସାହୁ ଦେଇଥିଲେ । ସ୍କୋରର ଦାୟିତ୍ୱରେ ସମୀର ଗଡନାୟକଙ୍କ ସହ ଖେଳ ପରିଚାଳନା ନିରଞ୍ଜନ ନାଏକ, ସୁଶେନ୍ ଗଡନାୟକ ଦାୟିତ୍ୱ ତୁଲାଇ ଥିଲେ । ମନୋଜ, ଲିଟୁ, ସିପୁନ, ଗୁଲୁ ପ୍ରମୁଖ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।

# ବିନା ସୁରକ୍ଷାରେ ମକର ମେଳା ପାଇଁ ସଜବାଜ ହେଉଛି ଭୀମକୁଣ୍ଡ



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲାର ଭୀମକୁଣ୍ଡ ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ।ପଞ୍ଚୁପାଣ୍ଡବ ମାନେ ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଥିବା ବେଳେ ଏହିଠାରେ ସ୍ନାନ କରିବା ସହିତ ନିଜର ତୃଷ୍ଣା ମେ□ାଇ ଥିଲେ ।ତେଣୁ ଏହାର ନାମକରଣ ମଧ୍ୟ ଭୀମକୁଣ୍ଡ ରଖାଯାଇଛି,ଯାହା କିମ୍ବଦନ୍ତୀ କହେ ।ତେବେ ଏହାକୁ ୨୦୦୬ ମସିହାରେ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ କ୍ଷେତ୍ର ହିସାବରେ ସ୍ଥାନ ମିଳିଛି । ଆଗକୁ ମକର ମେଳା ଆସୁଛି,ଏହି ମେଳାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ମକର ସ୍ନାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ଏହି ଐତିହାସିକ ସ୍ଥଳୀକୁ ଆସିଥାନ୍ତି। ପୁଣ୍ୟତୋୟା ବୈତରଣୀର ଉଛୁଳା ଜଳରାଶି ପଥର ଉପରୁ ପଥରକୁ ଡେଇଁ ପଡି ଜଳ ପ୍ରପାତ ସୃଷ୍ଟି କରିବାର ଦୃଶ୍ୟ ପରିବେଶକୁ ବେଶ ରମଣୀୟ କରୁଥିବା ବେଳେ ଧଳା,କଳା ଓ ନେଳି ପଥର ଗୋହର ଦେଇ ଏକ ବିରାଟ କୁଣ୍ଡକୁ ନୀଳ ଜଳରାଶି ବୋହି ଆସୁଥିବାର ଦୃଶ୍ୟ ଅତି ରମଣୀୟ ହୋଇଥାଏ ।ସେହି ଜଳରାଶିରେ ଅଧିକାଂଶ ଲୋକ ସ୍ନାନ କରିବା ସମୟରେ ବହୁତ ଦୁର୍ଘଟଣା ଘଟିଥାଏ ।ନୂଆ ଲୋକ ନୂଆ ନଦୀରେ ଗାଧୋଉଥିବା ବେଳେ ତାହାର ସଠିକ ଗଭିରତା ନ ଜାଣି ନଦୀ ଭିତରକୁ ଲମ୍ଫ ମାରିଥାନ୍ତି ।ଯାହାଫଳରେ ପଥରର ନେଳି ଓ ଜଳର ସ୍ରୋତ ରେ ଲୋକମାନେ ଭାସି ଯାଆନ୍ତି। ଯେଉଁ କାରଣ ପାଇଁ ଏହି ସ୍ଥାନରେ ପୂର୍ବରୁ କେତେ ଯେ କେତେ ଜୀବନ ଚାଲି ଯାଇଛି ।ତେବେ ପ୍ରବେଶ ପଥର ଫାଟକ ଟି ଜରାର୍ଜ୍ଜଣ୍ଣ ଅବସ୍ଥାରେ ଥିବା ବେଳେ ଭୀମକୁଣ୍ଡ ଜଳପ୍ରପାତ ଠାରେ ସୁରକ୍ଷା ବାଡ଼ ସହିତ କୁଣ୍ଡ ପାଖରେ ନିର୍ମାଣ ହୋଇଥିବା ଭୀମ ମୂର୍ତ୍ତିର ରଙ୍ଗ ଛାଡି ଯାଇଛି,କୁଣ୍ଡ ଉପର ପାଖରେ କୌଣସି ସୁରକ୍ଷା ବାଡ଼ ନାହିଁ କି ଜନ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା କର୍ମୀ ନାହାଁନ୍ତି ।ପର୍ଯ୍ୟଟକଙ୍କ କହିବା ଅନୁଯାୟୀ,ସାନକୁଣ୍ଡ ଓ ବଡକୁଣ୍ଡ ପାଖରେ ସୁରକ୍ଷାର ସୁବିଧା କଲେ ବହୁ ମୂଲ୍ୟବାନ ଜୀବନର ସୁରକ୍ଷା ହୋଇ ପାରିବା ସହିତ ପର୍ଯ୍ୟଟକ ମାନେ ଏହାର ଭରପୁର ମଜା ନେଇ ପାରନ୍ତେ ।ଏହା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନ ସ୍ଥଳ ହୋଇଥିବା ବେଳେ,ବଣ ଭୋଜି ପାଇଁ ଏଠାକୁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ।ଏହାର ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ,ସୁରକ୍ଷା ବାଡ଼, ଉଜ୍ଜ୍ୱଳ ଆଲୋକ,ଭଲ ଶୌଚାଳୟ ,ରହିବା ପାଇଁ କଟେଜ,ବଙ୍ଗଳା ର ସୁବିଧା ହେଲେ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷଣ କରନ୍ତା । ସେହିପରି ପର୍ଯ୍ୟଟନ କ୍ଷେତ୍ର ରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କିଛି ନାହିଁ କି ସେହି ମେଳା ଦାୟିତ୍ୱରେ ଥିବା ବନ ସୁରକ୍ଷା କମିଟି ତତ୍ପରତା ଦେଖାଯାଉ ନାହିଁ। ଆଗକୁ ମକର ମେଳା ପାଇଁ ବନବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ବା ପର୍ଯ୍ୟଟନ ବିଭାଗ ସୁରକ୍ଷା ଦିଗରେ କି ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା।



## ୧୫ତମ ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



ଭବାନୀପାଟଣା,(ମହାଭାରତ) : ୧୫ ତମ ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ,କଳାହାଣ୍ଡି ପାଣ୍ଡ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଗତ ୨୦୧୧ ମସିହା ଠାରୁ ଜାନୁୟାରୀ ୨୫ ତାରିଖ ( ନିର୍ବାଚନ କମିଶନ ପ୍ରତିଷ୍ଠା ଦିବସ ) କୁ ଜାତୀୟ ମତଦାତା ଦିବସ ରୂପେ ପାଳନ କରିବା ପାଇଁ ଭାରତର ନିର୍ବାଚନ କମିଶନ ସ୍ଥିର କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାମ ପଞ୍ଜୀକରଣ ବୃଦ୍ଧି କରିବା ଏବଂ ସାବାଳ ମତଦାନ ଅଧିକାର କୁ ଏହି ଉତ୍ସବ ମାଧ୍ୟମରେ ବାସ୍ତବ ରୂପରେଖ ଦେବା ସହିତ ଭାରତୀୟ ଗଣତନ୍ତ୍ରର ଗୁଣାତ୍ମକ ମାନ ବୃଦ୍ଧି କରିବା । ଏହି ଦିବସ ମାଧ୍ୟମରେ ଗଣତନ୍ତ୍ର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ମତଦାତା ମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରିବା ଉଦ୍ଦେଶ୍ୟରେ ତା. ୨୫ ଜାନୁୟାରୀ ୨୦୨୫ କୁ ୧୫ ତମ ଜାତୀୟ ମତଦାତା ଦିବସ ରୂପେ ଜିଲ୍ଲା ସମେତ ଉପଖଣ୍ଡ ମହକୁମା ଏବଂ ମତଦାନ କେନ୍ଦ୍ରରେ ପାଳନ କରାଯିବ । ଏହି ପରିପେକ୍ଷିରେ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ତା. ୨୫.୦୧.୨୦୨୫ ରିଖ ସକାଳ ୮:୦୦ ଘଣ୍ଟା ଠାରୁ ୯:୦୦ ଘଣ୍ଟା ମଧ୍ୟରେ ପଦଯାତ୍ରା କାର୍ଯ୍ୟକ୍ରମ କରାଯିବ । ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବକ୍ତୃତା, ରଚନା ଓ ଚିତ୍ରକଳା ପ୍ରତିଯୋଗିତା ତା.୨୦.୦୧.୨୦୨୫ ଏବଂ ତା. ୨୧.୦୧.୨୦୨୫ ରିଖରେ ଅନୁଷ୍ଠିତ ହେବ। ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ତା. ୨୫.୦୧.୨୦୨୫ ରିଖ ଦିନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ଜାତୀୟ ଭୋଟର ଦିବସ ୨୦୨୫ ର ଥିମ ହେଉଛି ମତଦାନର ନାହି ବିକଳ୍ପ, ଭୋଟ ମୁଁ ନିଶ୍ଚୟ ଦେବୀ କଲି ସଂକଳ୍ପ । ଜାତୀୟ ଭୋଟର ଦିବସ ୨୦୨୫ କାର୍ଯ୍ୟକ୍ରମକୁ ଉପଖଣ୍ଡ ଓ ଜିଲ୍ଲା ସ୍ତରରେ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ ) ବଇତୁରା ଦୀପ, ଉପଜିଲ୍ଲାପାଳ ଭବନୀପାଟଣା ପ୍ରଭାତ କୁମାର ପରିଡା, ଉପଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚକମା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଶାଖା ସୁଶାନ୍ତ ନାଏକ, ଭାରତୀୟ ଜାତୀୟ କଂଗ୍ରେସ ଦଳର ଜିଲ୍ଲା ଉପସଭାପତି ଉଚ୍ଛବ ସାହୁ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ବିଜୁ ଜନତା ଦଳର ଜିଲ୍ଲା ଯୁବ ସମ୍ପାଦକ ସେନାପତି ନାଏକ ଙ୍କ ସମେତ ଆମ ଆଦମୀ ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଆଖୁ ଚାଷୀଙ୍କୁ ସର୍ବନିମ୍ନ ସୁଧରେ ଋଣ ପ୍ରଦାନ ଉପରେ ବ୍ୟାଙ୍କର୍ସ ମାନଙ୍କୁ ନେଇ ସମୀକ୍ଷା ବୈଠକ



ଆସିକା (ମହାଭାରତ): ଆସିକା ସମବାୟ ଚିନିଶିଳ୍ପ ଲି. ର କୃଷକ ଭବନ ଠାରେ ଚିନିଶିଳ୍ପ ସଭାପତି ରବିନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱରେ ଏକ ବ୍ୟାଙ୍କର୍ସ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଆୟୋଜନ କରଯାଇଥିଲା। ଏଥିରେ ଚିନିଶିଳ୍ପ ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ବରାଡ, ଗୀତା ପାତ୍ର, ଧରମୁ ପ୍ରଧାନ ଙ୍କ ସମେତ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଡ଼ଃ ସୁଶାନ୍ତ କୁମାର ପଣ୍ଡା ତଥା ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ର ଆଞ୍ଚଳିକ ମୁଖ୍ୟ ଓ ଶାଖା ପ୍ରବନ୍ଧକ, କେନ୍ଦ୍ର ସମବାୟ ବ୍ୟାଙ୍କ ନିଃ, ଆସିକା ଏବଂ ବ୍ରହ୍ମପୁର ର ସମ୍ପାଦକ ଓ ଶାଖା ପ୍ରବନ୍ଧକ, ଚିନିଶିଳ୍ପ ଆଖୁ ପରିଚାଳକ, ନାବାର୍ଡ ର ଡ଼ିଡ଼ିଏମ ,ଏଲ ଡି ଏମ ଗଞ୍ଜାମ ତଥା ଆଖୁଚାଷୀ ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଆଖୁଚାଷ ପାଇଁ ନିୟମିତ ଫସଲ ଋଣ ପ୍ରଦାନ, ଆଖୁଚାଷର ଫସଲ ବୀମା ବ୍ୟବସ୍ଥା ତଥା ଜଳ ଉତ୍ସ ସ୍ଥାପନ ନିମନ୍ତେ ଦୀର୍ଘ ମିଆଦି କୃଷି ଋଣ ପ୍ରଦାନ ଇତ୍ୟାଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଫସଲ ଋଣ ର ସୁଧ ଉପରେ ରିହାତିର ସୁଫଳ ସମସ୍ତ ଆଖୁଚାଷୀ ମାନଙ୍କୁ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ନିମନ୍ତେ ଆଲୋଚନା ହୋଇଥିଲା । ପ୍ରାଥମିକ କୃଷି ସମବାୟ ସେବା ସମିତି ମାନେ ନିଜସ୍ୱ ଉଦ୍ୟମରେ ଆଖୁଚାଷର ସଂପ୍ରସାରଣ କଲେ ସେମାନଙ୍କୁ ଚିନିଶିଳ୍ପ ତରଫରୁ ପ୍ରୋତ୍ସାହନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ୨୨ ଗୋଟି ବ୍ଲକ କୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସମବାୟ ବିଭାଗକୁ ଚିନିଶିଳ୍ପ ତରଫରୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି କରାଗଲା ।ଏତଦବ୍ୟତୀତ ଗଞ୍ଜାମ ଜିଲ୍ଲାରେ ଆଖୁ ଫସଲକୁ ଉଭୟ ଖରିଫ ଓ ରବି ଋତୁରେ ବୀମାଭୁକ୍ତ କରିବା ପାଇଁ ସମବାୟ ବିଭାଗକୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।ଆଖୁଚାଷର ବୀମା ସମ୍ପର୍କରେ ଚାଷିମାନଙ୍କୁ ସଚେତନ କରିବା ନିମନ୍ତେ ରିଲିଆନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ କୁ ସୂଚନା ଓ ଶିକ୍ଷା ତଥା ଯୋଗାଯୋଗ କାର୍ଯ୍ୟ ସମ୍ପାଦନ କରିବା ପାଇଁବୀମା ସଂସ୍ଥାକୁ ଅନୁରୋଧ କରାଗଲା ।ସମସ୍ତ ବ୍ୟାଙ୍କର ଙ୍କ ସହିତ ଚିନିଶିଳ୍ପ ପରିସରରେ ଆଖୁଚାଷୀ ଙ୍କ ଫସଲ ଋଣ ପ୍ରଦାନ ଓଆନୁଷଙ୍ଗିକ ବିଷୟ ଉପରେ ତ୍ରୟୋମାସିକ ବୈଠକ ର ଆୟୋଜନ କରିବା ନିମନ୍ତେ ସ୍ଥିର କରାଗଲା ।

## ବ୍ୟାସ ଫାଉଣ୍ଡେସନ ସହଯୋଗରେ ଜେଲ ଅନ୍ତେବାସୀଙ୍କ ପାଇଁ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର



ପାରାଦୀପ/କୁଜଙ୍ଗ(ମହାଭାରତ): ଅପରାଧ ପ୍ରବଣ ମାନସିକତା ବେଳେବେଳେ ସାଧାରଣ ବ୍ୟକ୍ତିଟିକୁ ଅପରାଧୀ ଭାବେ ନୂତନ ପରିଚିତି ଦେଇଥାଏ। କାରାଗାରର ଏକାନ୍ତ ବାସ ଏବଂ ପରବର୍ତ୍ତୀ ସମୟରେ ଅନେକ ଅପରାଧୀଙ୍କୁ ପୁଣି ଥରେ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିଥାଏ। ଜନ୍ମରୁ କେହି କେବେ ଅପରାଧୀ ନଥାନ୍ତି ଅଥବା ଅପରାଧ ପ୍ରବଣତା ସବୁବେଳେ ବ୍ୟକ୍ତି ଠାରେ ପରିଲକ୍ଷିତ ହୋଇନଥାଏ। ଗଣତନ୍ତ୍ରର ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସମୟ ପରେ ଏହି ଲୋକମାନେ ପୁଣିଥରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତି। ଜେଲ୍ ଅନ୍ତେବାସୀଙ୍କର ପରବର୍ତ୍ତୀ ଜୀବନ ଏବଂ ମାନସିକତାକୁ ପରିବର୍ତ୍ତନ କରିବା ପାଇଁ ଉପକାରାଗାର ମଧ୍ୟରେ ବ୍ୟାସ ଫାଉଣ୍ଡେସନ ମାଧ୍ୟମରେ ବିଭିନ୍ନ ଆଧ୍ୟାତ୍ମିକ ସଦସ୍ୟଙ୍କୁ ନେଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ କରଥାଏ । ତେବେ ଜେଲ୍ ଅନ୍ତେବାସୀଙ୍କ ପରବର୍ତ୍ତୀ ଜୀବନ କିପରି ସୁଖ ଶାନ୍ତି ତଥା ସ୍ୱାବଲମ୍ବୀ ହୋଇ ପାରିବ ସେ ସମ୍ପର୍କରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜଗତସିଂହପୁର ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସଙ୍ଗଠନ ବ୍ୟାସ ଫାଉଣ୍ଡେସନର ମିଳିତ ସହଭାଗିତାରେ କୁଜଙ୍ଗ ସମଗୋଳ ଉପକାରାଗାର ପରିସରରେ ଏକ ଦିବସାତ୍ମକ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଜେଲ୍ ଅଧୀକ୍ଷକ ଇନ୍ଦ୍ରଜିତ ବିଶ୍ୱାଳଙ୍କ ପ୍ରୟାସରେ ଆୟୋଜିତ ଏହି ମହତ କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ବି.ଡି.ଡି ଚନ୍ଦନା, ଅଙ୍କିତ ଦେୱାଗନ୍, ଯୁଡ଼ିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ପଣ୍ଡା,ନିମକଣା କୃଷି ଗବେଷଣା କେନ୍ଦ୍ର ବୈଜ୍ଞାନିକ ରବୀନ୍ଦ୍ର କୁମାର ପ୍ରଧାନ, ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ, ଆସିଷ୍ଟା□ ଜେଲର ଅଶୋକ କୁମାର ପରିଡ଼ା, ପ୍ରେମଲତା ବାରିକ, ଫାର୍ମାସିଷ୍ଟ ଶ୍ରୀନିବାସ ଦାସ, ପି. ଅଂଶୁମାନ ଉପସ୍ଥିତ ରହି ଅନ୍ତେବାସୀ ମାନେ ସ୍ୱଳ୍ପ ପରିଶ୍ରମ ଓ ସ୍ୱଳ୍ପ ଅର୍ଥ ବିନିଯୋଗରେ କିପରି ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇପାରିବେ ଓ ଭବିଷ୍ୟତ ଜୀବନ କିପରି ସୁଖଦ,ସୁବ୍ୟବସ୍ଥିତ,ସହଜ ଓ ସୁଗମ ହୋଇ ପାରିବ ସେ ବିଷୟରେ ପ୍ରଶିକ୍ଷିତ କରାଇଥିଲେ। ଜେଲ୍ ଅନ୍ତେବାସୀ ମାନେ ଏପ୍ରକାର ପ୍ରଶିକ୍ଷଣକୁ ସ୍ୱାଗତ କରିବା ସହ ଖୁସି ବ୍ୟକ୍ତ କରିଥିଲେ।

## ଉତ୍କଳ ଆଲୁମିନା ପକ୍ଷରୁ ରକ୍ତଦାନ ଶିବିର

ରାୟଗଡ଼ା/ଟିକିରି,(ମହାଭାରତ) : ରାୟଗଡ଼ା ଜିଲା କାଶୀପୁର ବ୍ଲକର ଟିକିରି ନିକଟସ୍ଥ ନୂଆପଡ଼ାସ୍ଥିତ ଉତ୍କଳ ଆଲୁମିନା କ୍ଲବ ହାଉସରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଆଜି ଏହି ରକ୍ତଦାନ ଶିବିରକୁ ଉତ୍କଳ ଆଲୁମିନା କମ୍ପାନୀର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ର, ଟିକିରି ସରପ□ ଜଗବନ୍ଧୁ ମାଝୀ, କୁଚେଇ ପଦର ସରପଞ୍ଚ ବାଙ୍ଗାରି ଦିଶାରୀ, ହାଡିଗୁଡା ସରପଞ୍ଚ ଯଦୁମଣି ମାଝୀ ପ୍ରମୁଖ ମିଳିତ ଭାବେ ଉଦଘାଟନ କରିଥିଲେ। ଏହାପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା। ପ୍ରଥମେ ହିଣ୍ଡାଲକୋ କ୍ଲଷ୍ଟର ସିଏସଆର ମୁଖ୍ୟ ଶିବଶଙ୍କର ମହାପାତ୍ର, ଉତ୍କଳ ଆଲୁମିନା କମ୍ପାନୀର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ରଙ୍ଗବାଜ କ୍ଲବ୍ ଜଗଦଲପୁର ଫାଇନାଲ ରେ

ଟାଙ୍ଗୀ(ମହାଭାରତ): ଚିଲିକା ଷ୍ଟାଡିୟମ ଠାରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ରେ ଜଗଦଲପୁର ରଙ୍ଗବାଜ ଫୁଟବଲ୍ କ୍ଲବ୍ ଓ ଆକ୍ୟୁଆ ଫୁଟବଲ୍ ଏକାଡେମୀ ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଟି ଖୁବ୍ ସଂଘର୍ଷପୂର୍ଣ ହୋଇଥିଲାୟ ରଙ୍ଗବାଜ ଫୁଟବଲ୍ କ୍ଲବ୍ ୨-୦ ଗୋଲରେ ଆକ୍ୟୁଆ ଫୁଟବଲ୍ କ୍ଲବ୍ କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲ ରେ ପ୍ରବେଶ କରିଛ। ଖେଳ ପରିଚାଳନା କରିଥିଲେ ଜିତେନ୍ଦ୍ର ପାତ୍ରୟ ତାଙ୍କୁ ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି, ସତ୍ୟ ରଂଜନ ସ୍ୱାଇଁ ଓ ନନ୍ଦ କିଶୋର ସ୍ୱାଇଁ।

# ପାରାଦୀପରେ କାଉ ମଡ଼କ: ଚିକେନ ଖାଇବାକୁ ଡରିଲେଣି ଗ୍ରାହକ



ପାରାଦୀପ (ମହାଭାରତ): କାଉ ମଡ଼କ କୁ ନେଇ ବାର୍ଡ଼ ଫ୍ଲୁ ଆଶଙ୍କାରେ ଆତଙ୍କିତ ଏବେ ବନ୍ଦର ନଗରୀ ପାରାଦୀପ ଅଞ୍ଚଳବାସି । କେବଳ କାଉ ନୁହନ୍ତି, ପାରା, ବଣି ସହିତ ବିଭିନ୍ନ ପ୍ରଜାତିର ପକ୍ଷୀ ଗଛରୁ ଖସିପଡିବା ପରେ କିଛିସମୟ ପାଇଁ ତଳେ ପଡି ଘୁମାଇବା ପରେ ମରି ଯାଉଥିବା ଦେଖିବାକୁ ମିଳିଛି ।ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଅଜଣା ଆତଙ୍କରେ ଆତଙ୍କିତ ହୋଇପଡିଛନ୍ତି । କିଛିଦିନ ହେବ କ୍ରମାଗତ ଭାବରେ ବନ୍ଦରନଗରୀ ପାରାଦୀପ ର ନେହେରୁବଙ୍ଗଳା, ବଡ଼ପଡ଼ିଆ, ମଧୁବନ, ନୂଆବଜାର ସମେତ ବିଭିନ୍ନ ଅଞ୍ଚଳରେ କାଉ ମଡ଼କ ର ଦୃଶ୍ୟ ଦେଖିବାକୁ ମିଳୁଛି । ବିଶେଷକରି ଶୀତଦିନରେ ପାରାଦୀପ ଉପକୂଳ ଅଞ୍ଚଳକୁ ଛୁଟି ଆସିଥାନ୍ତି ବାହାର ଦେଶର ବିଭିନ୍ନ ପ୍ରଜାତିର ପକ୍ଷୀ । ସ୍ଥାନୀୟ ଅଞ୍ଚଳରେ ଯେଉଁଭଳି କାଉ ମୃତ୍ୟୁବରଣ କରୁଛନ୍ତି ଏହାର କଣ କାରଣ ରହିଛି ଏହା ସନ୍ଦେହରେ ରହିଥିବା ବେଳେ ହୁଏତ ବିଦେଶାଗତ ପକ୍ଷୀଙ୍କ ଠାରୁ ସଂକ୍ରମିତ ହୋଇଥାନ୍ତୁ କିମ୍ବା ଅନ୍ୟ କେଉଁ କାରଣ ରହିଛି ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ଆଶା ଆଶଙ୍କା ମଧ୍ୟରେ ରହିଥିବା ବେଳେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପାରାଦୀପ ଅଞ୍ଚଳର ପଶୁ ଚିକିତ୍ସକ ନିରଞ୍ଜନ ବେହେରା । କାଉ ମଡ଼କ ଖବର ମିଳିବା ପରେ ଏହାର ନମୁନା ପରୀକ୍ଷା ପାଇଁ ପଠାଯାଇଛି । ବାର୍ଡ଼ ଫ୍ଲୁ ଭଳି ଘଟଣା ପାରାଦୀପ ଅ□ଳରେ ଦେଖିବାକୁ ମିଳିନଥିଲେ ମଧ୍ୟ ଏଥିପ୍ରତି ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ବିଶେଷକରି ଥଣ୍ଡା ଜୋର ପଡିଲେ କାଉ ପ୍ରଭାବିତ ହୋଇଥାନ୍ତି, ଶୀତକୁ ସାମ୍ନା କରି ନ ପାରି କାଉ ଭଳି ପକ୍ଷୀମାନେ ମୃତ୍ୟୁ ବରଣ କରୁଥିବା ନେଇ ପ୍ରକାଶ କରିବା ସହିତ ବାର୍ଡ଼ ଫ୍ଲୁ କୁ ନେଇ ଭୟଭୀତ ନ ହେବାକୁ ପାରାଦୀପ ବାସୀଙ୍କୁ ନିବେଦନ କରିଛନ୍ତି । ତେବେ କାଉ ମଡ଼କ କୁ ଦେଖି ବାର୍ଡ଼ ଫ୍ଲୁ ଆଶଙ୍କାରେ ଲୋକେ ଚିକେନ ଖାଇବାକୁ ଭୟ କରୁଥିବା ଆଲୋଚନା ହେଉଛି ।

# ବିଜେପିକୁ ଟାର୍ଗେଟ୍ କଲେ କେଜ୍ରିଓ୍ୱାଲ



**ନୂଆଦିଲ୍ଲୀ,୧୦।୧:** ଫେବୃଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏ ନେଇ ଦିନ ନିକଟ ହେଉଛି । ଏହାରି ଭିତରେ ରାଜନୈତିକ ଦଳ ମଧ୍ୟରେ ବୟାନବାଜି ନିଶାନାବାଜି ଲାଗି ରହିଛି । ଶାସକ ଆମ ଆଦମୀ ପାର୍ଟି ସୁପ୍ରିମୋ ବିଜେପିକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଦିଲ୍ଲୀକୁ ଦେଶର କ୍ରାଇମ କ୍ୟାପିଟାଲ କରିଛି ବିଜେପି । ସେପଟେ ଅଶୋକ ରୋଡରୁ କେଜ୍ରିଓ୍ୱାଲଙ୍କ ଘର ଅଭିମୁଖେ 'ପୂର୍ବାଞ୍ଚଳ ସମ୍ମାନ ମାର୍ଚ୍ଚ' କରିଛି ବିଜେପି । ଏକାଧିକ ବିଜେପି କର୍ମୀଙ୍କୁ ଅଟକ ରଖିଛି ପୋଲିସ । ବିଜେପିକୁ ଟାର୍ଗେଟ ମାରି ଅରବିନ୍ଦ କେଜ୍ରିଓ୍ୱାଲ କହିଛନ୍ତି, 'ଭାରତୀୟ ଜନତା ପାର୍ଟିର କେନ୍ଦ୍ର ସରକାର ବିଶେଷ କରି ଅମିତ ଶାହଜୀ ଦିଲ୍ଲୀକୁ ଦେଶର କ୍ରାଇମ କ୍ୟାପିଟାଲ କରିଛନ୍ତି । ଅପରାଧ ବୃଦ୍ଧି ପାଇଛି । ଦିନ ଦ୍ୱିପହରରେ ଚୋରି ହେଉଛି । ଚେନ ଝାମ୍ପନେବା, ଗ୍ୟାଙ୍ଗ ଓ୍ୱାର ବଢିବାରେ ଲାଗିଛି । ମହିଳାଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇଛି । ଦିଲ୍ଲୀବାସୀ ଭୟଭୀତ ହୋଇଛନ୍ତି । ଲୋକ ଅସୁରକ୍ଷିତ ମନେ କରୁଛନ୍ତି । ଦିଲ୍ଲୀବାସୀଙ୍କ ସହ ଭାରତୀୟ ଜନତା ପାର୍ଟିର କୌଣସି ସମ୍ପର୍କ ନାହିଁ । ସେମାନେ ଦିଲ୍ଲୀବାସୀଙ୍କୁ ଘୃଣା କରନ୍ତି । ଏହି କାରଣରୁ ୨୫ ବର୍ଷ ହେବ ଦିଲ୍ଲୀରେ ବିଜେପି କ୍ଷମତାକୁ ଆସି ପାରି ନାହିଁ । ଦିଲ୍ଲୀ ଲୋକ କିନ୍ତୁ ଆମର । ୨ କୋଟି ଲୋକ ଆମ ପରିବାର । ଦିଲ୍ଲୀରେ କାହାକୁ ଅସୁବିଧା ହେଲେ ମୋତେ କଷ୍ଟ ହୁଏ । ଆମେ ଚୁପ ବସିବୁ ନାହିଁ । ବିଜେପି ଧାରଣା ପାର୍ଟି ହୋଇଛି ମୋତେ ଲାଗୁଛି ତାଙ୍କ ପାଇଁ ଗୋଟିଏ ଟେଣ୍ଡ କରିଦେବି । ବିଜେପି ଭୋଟ ଜାଲିଆତି କରିଥିବା ଅଭିଯୋଗ ଆଣି ଅରବିନ୍ଦ କେଜ୍ରିଓ୍ୱାଲ କହିଛନ୍ତି, ସ୍ଥାନୀୟ ନିର୍ବାଚନ ଅଧିକାରୀ ବିଜେପି ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନେ ବିଜେପିର ଭୁଲ କାମକୁ ସମର୍ଥନ କରୁଛନ୍ତି । ସ୍ଥାନୀୟ ଡିଇଓ ଓ ଇଆରଓ ନିଲମ୍ବିତ ହେବା ଦରକାର । ବିଜେପି ପୂର୍ବାଞ୍ଚଳ ଏବଂ ଦଳିତ ସମ୍ପ୍ରଦାୟଙ୍କ ଭୋଟ କାଟୁଛି । ଜେପି ନଡ୍ଡା ନିଜେ ସଂସଦରେ ଏହି କଥା ମାନିଛନ୍ତି । ଏ ନେଇ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ । ସେପଟେ ଅଶୋକ ରୋଡରୁ ଅରବିନ୍ଦ କେଜ୍ରିଓ୍ୱାଲ ଘର ଅଭିମୁଖେ 'ପୂର୍ବାଞ୍ଚଳ ସମ୍ମାନ ମାର୍ଚ୍ଚ' କରିଛି ବିଜେପି । ମନୋଜ ତିୱାରୀଙ୍କ ନେତୃତ୍ୱରେ ବିଜେପି କର୍ମୀ ଅଶୋକ ରୋଡରୁ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଘର ଅଭିମୁଖେ ଏକ ମାର୍ଚ୍ଚ କରିବା ସହ ନାରାବାଜି କରିଛନ୍ତି ।

# ନିଆଁ ମୁହଁରେ କାଲିଫର୍ଣ୍ଣିଆ ଜଙ୍ଗଲ



**ନୂଆଦିଲ୍ଲୀ,୧୦।୧ :** ହୁ ହୁ ହୋଇ ଜଳୁଛି ଜଙ୍ଗଲ । ନିଆଁ ଆରେ ପଶିଗଲାଣି ଘରଦ୍ୱାରା । ଜଙ୍ଗଲରେ ଥିବା ହଜାର ହଜାର ଗଛ ପୋଡି ପାଉଁଶ ହୋଇଗଲାଣି । ଜନବସତି ଆଡକୁ ମାଡ଼ି ଆସିଲାଣି ନିଆଁ । ଫଳରେ ଲୋକେ ଭୟଭୀତ ହୋଇ ଘର ଛାଡି ଦୌଡ଼ି ପଳାଉଛନ୍ତି । ଆମେରିକାର ଲସ୍ ଏଞ୍ଜେଲିସ୍ରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି । କାଲିଫର୍ଣ୍ଣିଆ ଜଙ୍ଗଲରୁ ନିଆଁ ବ୍ୟାପି ଶତାଧିକ ଘର ଜଳି ଛାରଖାର ହୋଇଯାଇଛି । ଅଗ୍ନିକାଣ୍ଡରେ ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଗୁରୁତର ହୋଇଛନ୍ତି ।
ପ୍ରାୟ ୩୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପଡ଼ିଛି । ଏଥିସହ ନିଆଁ ବ୍ୟାପିବା ଯୋଗୁଁ ଏକ ହଜାରରୁ ବି ଅଧିକ ଘର ଜଳି ଯାଇଛି । ପ୍ରବଳ ପବନ ବହିବା ହେତୁ ଦ୍ରୁତ ଗତିରେ ନିଆଁ ବ୍ୟାପିବାରେ ଲାଗିଛି । ସାଣ୍ଟା ମୋନିକା ଏବଂ ମାଲିବୁ ମଧ୍ୟରେ ପାସିଫିକ୍ ପାଲିସେଡ୍ସ ଅଞ୍ଚଳରେ ପ୍ରାୟ ୪୦ହଜାର ଏକର ଜଙ୍ଗଲ ଅଞ୍ଚଳ ଜଳି ପୋଡ଼ି ଛାରଖାର ହୋଇଯାଇଛି । ନିଆଁ ବ୍ୟାପୁଥିବା ଅଞ୍ଚଳରୁ ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଖାଲି କରାଯାଇଥିଲେ ମଧ୍ୟ ଆହୁରି ଅନେକ ଫସି ରହିଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ଏକ ହଜାରରୁ ଅଧିକ ଘର ନଷ୍ଟ ହୋଇଯାଇଛି । ନିଆ ବ୍ୟାପିବା ଫଳରେ ହଲଉଡ ଷ୍ଟାର୍ ସମେତ ଅନେକ ଲୋକମାନେ ତୋପାଙ୍ଗା କାନ୍ୟନ୍ ପାର୍ବତ୍ୟାଞ୍ଚଳ ଛାଡ଼ି ଦେଇଛନ୍ତି । ରାସ୍ତାରେ ଯିବା ବେଳେ ନିଆଁ କବଳକୁ ଚାଲିଆସିବାରୁ ଲୋକେ ସେମାନଙ୍କ କାର୍ ଛାଡ଼ି ଦେଉଥିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି ।

# ମୁମ୍ବାଇ ପ୍ରଦୂଷଣ ନେଇ ଚିନ୍ତାରେ କୋର୍ଟ

**ମୁମ୍ବାଇ,୧୦।୧:** ବମ୍ବେ ହାଇକୋର୍ଟ ବାୟୁ ପ୍ରଦୂଷଣକୁ ନେଇ ପ୍ରମୁଖ ଟିପ୍ପଣୀ ଦେଇଛନ୍ତି । କୋର୍ଟ ଏହି କଥା ଉପରେ ଚିନ୍ତା ପ୍ରକଟ କରିଛନ୍ତି କି, ସହରରେ କଣ ବାୟୁ ପ୍ରଦୂଷଣର କୌଣସି ସାମାଧାନ ବାହାରିବ ନା ପୁଣି ପ୍ରତିବର୍ଷ ଦୀପାବଳି ପରେ ନାଗରିକଙ୍କୁ ଧୂଆଁର ସାମ୍ନା କରିବାକୁ ପଡ଼ିବ । ଏତସି ଏହା ମଧ୍ୟ ପରମର୍ଶ ଦେଇଛନ୍ତି କି, ବେକରି ଗୁଡ଼ିକୁ କାଠ ବା କୋଇଲାର ବ୍ୟବହାର ଉପରେ ରୋକ୍ ଲଗେଇବା ଉଚିତ୍ । ଏହା ମଧ୍ୟ କହିଛନ୍ତି , ସିଏନଜି ଓ ଇଲେକ୍ଟ୍ରିକ୍ କାର୍ ଗୁଡ଼ିକର ବ୍ୟବହାର ଉପରେ ଜୋର ଦିଆଯିବା ଉଚିତ୍ । ଚିଫ୍ ଜଷ୍ଟିସ୍ ଡିକେ ଉପାଧ୍ୟାୟ ଓ ଜଷ୍ଟିସ୍ ଗିରିଶ କୁଲକର୍ଣ୍ଣିଙ୍କର ଖଣ୍ଡପୀଠ କହିଛନ୍ତି କି, ସବୁ ଅଧିକାରୀ ମୁମ୍ବାଇର ଖରାପ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ପଛର ସମସ୍ୟା ଓ କାରଣ ବିଷୟରେ ଅବଗତ ଅଛନ୍ତି , କିନ୍ତୁ ସମାଧାନ ଓ ନିଆ ଯାଉଥିବା ପଦକ୍ଷେପକୁ ତୁରନ୍ତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ।

# ୨୩୨ ପାକିସ୍ତାନୀଙ୍କୁ ପ୍ରତ୍ୟାର୍ପଣ କଲା ସାଉଦି ଆରବ

**ଇସ୍ଲାମାବାଦ,୧୦।୧:** ସାଉଦି ଆରବ, ଚୀନ୍ ଏବଂ ୟୁଏଇ ୨୫୮ ପାକିସ୍ତାନୀଙ୍କୁ ପ୍ରତ୍ୟାର୍ପଣ କରିଛନ୍ତି । ସର୍ବାଧିକ ୨୩୨ ଜଣ ପାକିସ୍ତାନୀଙ୍କୁ ସାଉଦି ଆରବ ପ୍ରତ୍ୟର୍ପଣ କରିଛି । ସେହିଭଳି ୟୁଏଇରେ ବେଆଇନ୍ ଭାବରେ ରହୁଥିବା ୨୧ ପାକିସ୍ତାନୀ ଫେରିଛନ୍ତି । ବିଦେଶରୁ ଫେରିଥିବା ପାକିସ୍ତାନୀଙ୍କ ମଧ୍ୟରେ ୯ ଜଣ ଭିକାରୀ ରହିଛନ୍ତି । କରାଚୀରେ ପହଞ୍ଚିବା ପରେ ୧୬ ଜଣଙ୍କୁ ପାକିସ୍ତାନ ପୋଲିସ ଗିରଫ କରିଥିବା ନେଇ ସେଠାକାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ୨୪୪ ଜଣଙ୍କୁ ସ୍ୱତନ୍ତ୍ର ଭ୍ରମଣ ଭିସାରେ ପାକିସ୍ତାନ ପଠାଯାଇଥିବା ବେଳେ ୧୪ ଜଣଙ୍କ ପାଖରେ ବୈଧ ପାକିସ୍ତାନୀ ଭିସା ରହିଛି ବୋଲି ଇମିଗ୍ରେସନ କର୍ତ୍ତୃପକ୍ଷ କହିଛନ୍ତି । ସେହିଭଳି ଭିସା ଅବଧି ଶେଷ ହୋଇଥିବା ସତ୍ତ୍ୱେ ୧୬ ଜଣ ସାଉଦି ଆରବରେ ରହୁଥିଲେ । ୨୬ ଜଣ ପାକିସ୍ତାନ ନାଗରିକ ବିନା କେଣସି ପ୍ରାୟୋଜକରେ ସେଠାରେ କାମ କରୁଥିଲା । ୧୧୨ ଜଣଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ରହିଛି । ୟୁଏଇରୁ ଫେରିଥିବା ପାକିସ୍ତାନୀଙ୍କ ମଧ୍ୟରେ ୪ ଜଣଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି । ସେପଟେ କରାଚୀ ବିମାନ ବନ୍ଦରରୁ ବେଆଇନ୍ ଭାବେ ବିଦେଶ ଚାଲିଯିବାକୁ ଚେଷ୍ଟା କରୁଥିବା ପ୍ରାୟ ୩୫ ଯାତ୍ରୀଙ୍କୁ ରୋକାଯାଇଛି । କରାଚୀ ଏୟାରପୋର୍ଟର ଅଧିକାରୀଙ୍କ ଅନୁସାରେ, ବିଦେଶରୁ ପ୍ରତ୍ୟର୍ପିତଙ୍କ ମଧ୍ୟରୁ ୧୬ ଜଣଙ୍କ ପାଖରେ ପାକିସ୍ତାନ ଭିସା ଅଛି ।

# ମାନହାନୀ ମାମଲାରେ ରାହୁଲ ଗାନ୍ଧିଙ୍କୁ ଜାମିନ

**ପୁଣେ,୧୦।୧:** କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ବଡ ଆଶ୍ୱସ୍ତି ମିଳିଛି ।ପୁଣେର ଏକ ଅଦାଲତ ଶୁକ୍ରବାର ମାନହାନୀ ମାମଲାରେ କଂଗ୍ରେସ ନେତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଫେବ୍ରୁଆରି ୧୮ତାରିଖକୁ ଧାର୍ଯ୍ୟ କରାଯାଇଛି । ବିନାୟକ ଦାମୋଦର ସାବରକରଙ୍କ ନାତି ରାହୁଲ ଗାନ୍ଧିଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ । ଏହି ଶୁଣାଣିରେ ରାହୁଲ ଗାନ୍ଧି ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇଥିବା କୁହାଯାଉଛି । ରାହୁଲ ଗାନ୍ଧି ୨୦୨୩ ମାର୍ଚ୍ଚରେ ଲଣ୍ଡନରେ ସାବରକରଙ୍କ ବିରୋଧରେ ଆପତ୍ତିଜନକ ବୟାନ ଦେଇଥିବା ଅଭିଯୋଗ ହୋଇଛି, ଯାହା ପରେ ସାବରକରଙ୍କ ନାତି ପୁଣେରେ କଂଗ୍ରେସ ନେତାଙ୍କ ବିରୋଧରେ ମାନହାନି ମାମଲା ଦାୟର କରିଥିଲେ । ଏହାପରେ ଏବେ କୋର୍ଟରେ ଶୁଣାଣି ଚାଲିଛି । ଓକିଲଙ୍କ ତରଫରୁ ରାହୁଲ ଗାନ୍ଧି ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେବା ପାଇଁ ଅନୁମତି ମାଗିଥିଲେ, ଯାହାକୁ କୋର୍ଟ ଅନୁମୋଦନ କରିଥିଲେ । ଏହାପରେ ରାହୁଲ ଭିଡିଓ କନଫରେନ୍ସିଂ ଜରିଆରେ ଶୁଣାଣିରେ ଯୋଗ ଦେଇଥିଲେ ଏବଂ କୋର୍ଟ କଂଗ୍ରେସ ନେତାଙ୍କୁ ଜାମିନ ପ୍ରଦାନ କରିଥିଲେ ।

# ଇଭିଏମକୁ ନେଇ ପୁଣି ବିବାଦୀୟ ବୟାନ ଦେଲେ ରାଣେ

**ମୁମ୍ବାଇ,୧୦।୧:** ମହାରାଷ୍ଟ୍ର ମନ୍ତ୍ରୀ ନିତେଶ ରାଣେଙ୍କ ବିବାଦୀୟ ବୟାନ ପୁଣିଥରେ ସାମ୍ନାକୁ ଆସିଛି । ସେ କହିଛନ୍ତି ଯେ ଇଭିଏମର ଅର୍ଥ ହେଉଛି 'ମୁଲ୍ଲାଙ୍କ ବିରୁଦ୍ଧରେ ପ୍ରତ୍ୟେକ ଭୋଟ' । ସେ କହିଛନ୍ତି ଯେ 'ହଁ, ଆମେ ଇଭିଏମ ବିଧାୟକ କିନ୍ତୁ ଇଭିଏମର ଅର୍ଥ ହେଉଛି ପ୍ରତ୍ୟେକ ଭୋଟ ମୁଲ୍ଲାଙ୍କ ବିରୋଧରେ ।' ନିତେଶ ରାଣେ ହେଉଛନ୍ତି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ନାରାୟଣ ରାଣେଙ୍କ ପୁଅ । ମହାରାଷ୍ଟ୍ର ମତ୍ସ୍ୟ ଏବଂ ବନ୍ଦର ମନ୍ତ୍ରୀ ରାଣେ କହିଛନ୍ତି ଯେ ମହାରାଷ୍ଟ୍ରର ସମସ୍ତ ବିରୋଧୀ ଦଳ ଇଭିଏମ୍ ନାମରେ ଚିତ୍କାର କରୁଛନ୍ତି । ସାଙ୍ଗଲିର ହିନ୍ଦୁ ଗର୍ଜନ ସଭାରେ ଭାଷଣ ଦେଇ ସେ କହିଥିଲେ, ସେମାନେ ଇଭିଏମକୁ ଦୋଷ ଦେଉଛନ୍ତି । ହିନ୍ଦୁ ସମ୍ପ୍ରଦାୟ ଏକତ୍ରିତ ଭାବରେ ଭୋଟ ଦେଇଛନ୍ତି ବୋଲି ସେମାନେ ହଜମ କରିପାରୁ ନାହାଁନ୍ତି । କିଛି ଦିନ ପୂର୍ବରୁ ମଧ୍ୟ ନିତେଶ ରାଣା ଏକ ବିବାଦୀୟ ବୟାନ ଦେଇଥିଲେଯସେ କହିଥିଲେ ଯେ କେରଳର ଆତଙ୍କବାଦୀମାନେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଭୋଟ ଦିଅନ୍ତି । ସେ କେରଳ ପାଇଁ 'ମିନି ପାକିସ୍ତାନ' ଶବ୍ଦ ବ୍ୟବହାର କରିଥିଲେ । ଉଲ୍ଲେଖ ଥାଉ କି ମହାରାଷ୍ଟ୍ର ନିର୍ବାଚନରେ କଂଗ୍ରେସର ବିଫଳତା ପରେ ଏହାର ନେତାମାନେ ଇଭିଏମକୁ ଦୋଷ ଦେଇଥିଲେ ଅନ୍ୟପଟେ ଏନସିପି(ଶରଦ ପାଓ୍ୱାର) ଗୋଷ୍ଠୀର ନେତା ଜିତେନ୍ଦ୍ର ଆହ୍ୱାଡ଼ କହିଥିଲେ ଯେ ନିର୍ବାଚନ ପରେ ଲୋକଙ୍କ ମନରେ ଇଭିଏମକୁ ନେଇ ଅନେକ ସନ୍ଦେହ ରହିଛି । ଏହି ନିର୍ବାଚନରେ, ୨୦୧ ବୁଥ ଉପରେ ଆକ୍ରମଣ ହୋଇଥିଲା ଏବଂ ଦାୟିତ୍ୱ ପ୍ରଶାସନ ଉପରେ ନ୍ୟସ୍ତ ଥିଲା । ମୋର ଅଭିଯୋଗ ହେଉଛି ଯେ ଜିଲ୍ଲା ପ୍ରଶାସନ ଏକ ସେବକ ଭଳି କାମ କରୁଥିଲା । ସେ କହିଥିଲେ, ଭୋଟ ଦେବାକୁ ଆସିଥିବା ଲୋକମାନେ ହାତରେ କାଳି ଲଗାଇ ବାହାରକୁ ଆସୁଥିଲେ । ସେମାନଙ୍କୁ ଭୋଟ ଦେବାକୁ ଅନୁମତି ଦିଆଯାଉନଥିଲା ଆମେ ଦାବି କରୁଛୁ ଯେ ନିର୍ବାଚନ କମିଶନ ଏହାର ବିଚାର କରନ୍ତୁ ।



# ଜବାବ ଦେଲେ ଶରଦ ପାଓ୍ୱାର



**ନୂଆଦିଲ୍ଲୀ,୧୦।୧):** ମହାରାଷ୍ଟ୍ର ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି । ସଜସଜ ବିଧାନସଭା ନିର୍ବାଚନ ସରିଛି । ଏନଡିଏ ବହୁମତ ପାଇବା ପରେ ସରକାର ବି କରିଛି । ମୁଖ୍ୟମନ୍ତ୍ରୀ ଅଛନ୍ତି ଦେବେନ୍ଦ୍ର ଫଡନାଭିସ୍ । କିନ୍ତୁ ଏବେ ବିରୋଧୀ ଶାସକ ଶିବିର ଓ ଶାସକ ବିରୋଧୀ ଶିବିରକୁ ଲମ୍ଫ ମାରିବା ନେଇ ଚର୍ଚ୍ଚା ଜୋର ଧରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ଉଦ୍ଧବ ଠାକରେ ଫଡନାଭିସ୍ ସରକାରଙ୍କ ସମ୍ପାଦକୀୟ ଲେଖି ଖୋଲା ପ୍ରଶଂସା କରିବା ସହିତ ବିକାଶ ପଥରେ ମହାରାଷ୍ଟ୍ର ଆଗେଇ ଚାଲୁଥିବା କହିଥିଲେ । ଖାଲି ଏତିକି ନୁହେଁ ଶରଦ ପାଓ୍ୱାର ଓ ଅଜିତ ପାଓ୍ୱାର ସାକ୍ଷାତକାର ହେବା ପରେ ରାଜନୀତି ଜୋର ଧରିଥିଲା । ହେଲେ ଶରଦ ଚୁପ୍ ରହିଥିଲେ । ଏବେ କିନ୍ତୁ ସେ ମୁହଁ ଫିଟାଇବା ସହିତ ଯେଉଁ ବୟାନ ରଖିଛନ୍ତି ତାହାକୁ ନେଇ ସରଗରମ ହେଲାଣି ରାଜନୀତି । ବିଧାନସଭା ନିର୍ବାଚନ ପରେ ଶରଦ ପାଓ୍ୱାରଙ୍କୁ ନେଇ ବଡ଼ ଚର୍ଚ୍ଚା ହୋଇଥିଲା । ଦଳର ଏମିତି ବିପର୍ଯ୍ୟୟ ହେବା ପରେ କେବେ ସେ ମୁହଁ ଖୋଲିବେ ସେନେଇ ଆଲୋଚନା ହେଉଥିଲା । ଏମିତିକି, ଏନସିପି ଦଳ ଭାଙ୍ଗିବା ନେଇ ସମ୍ଭାବନା ବି ଦେଖାଦେଇଥିଲା । ଖାଲି ଏତିକି ନୁହେଁ ବରଂ ସଂସଦର ଶୀତକାଳୀନ ଅଧିବେଶନରେ ସାଂସଦ ସୁଶୀଲ ତଟେକରଙ୍କୁ ବଡ଼ ଅଫର ଦିଆଯାଇଥିବା ଚର୍ଚ୍ଚା ହେଉଛି । ଏପଟେ, ଶରଦ କହିଛନ୍ତି, ମୁଁ ମାନୁଛି ବିଧାନସଭାରେ ଆମ ଦଳ ପରାଜୟ ହେବା ପରେ ମୁଁ ଚିନ୍ତାରେ ଥିଲି । ପରେ ପରେ ଦଳ ପକ୍ଷରୁ ଏକ ବୈଠକର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଦଳର ଆଗାମୀ ରଣନୀତି ନେଇ ଚର୍ଚ୍ଚା ହୋଇଥିଲା । ଦଳ କାହିଁକି ହାରିଲା, ଏନଡିଏ କେମିତି ଜିତିଲା ସେନେଇ ବି ଆଲୋଚନା ହୋଇଛି । ବିଧାନସଭାରେ ପରାଜୟର ସ୍ୱାଦ ଚାଖିବା ପରେ ଶରଦ କହିଥିଲେ ମୁଁ ନିଶ୍ଚିତ ଭାବରେ ଦୁଃଖୀତ ଥିଲି । କର୍ମୀଙ୍କ ମନରେ କି ପ୍ରଶ୍ନ ଉଙ୍କି ମାରୁଥିବ । ସେମାନେ ବି ହତାଶ ମନୋଭାବ ନେଇ କାମ କରୁଥିଲେ ବୋଲି ଭାବିଥିଲି । ହେଲେ ବୈଠକରେ ଯୋଗ ଦେବା ପରେ ଛାତ୍ରଙ୍କଠାରୁ ଆରମ୍ଭ କରି ଦଳର ବରିଷ୍ଠ ନେତା କିନ୍ତୁ ବଡ଼ ବୟାନ ଦେଇଥିଲେ । କହିଥିଲେ, ନିର୍ବାଚନରେ ହାର କ୍ଷ ରହିଛି । ତେଣୁ ଏଥିରେ ବ୍ୟତିବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । କର୍ମୀ ଓ ନେତାଙ୍କଠୁ ଏମିତି କଥା ଶୁଣିବା ପରେ ମୋର ମନୋବଳ ବଢିଥିବା ଶରଦ କହିଥିଲେ । ଏହାସହ ନିର୍ବାଚନରେ ଆମେ ଯାହା ଭାବିଥିଲୁ ତାହାର ଓଲଟା ସ୍ଥିତି ହେବା ପରେ ଆମେ ଚିନ୍ତାରେ ଥିଲୁ କିନ୍ତୁ ଆଗାମୀ ରଣନୀତି ପ୍ରସ୍ତୁତ ହେଲାଣି । ଏଥିରେ ବ୍ୟସ୍ତ ହେବାର କିଛି ଆବଶ୍ୟକତା ନାହିଁ । ଏହାସହ ଅଜିତଙ୍କ ସହ ସାକ୍ଷାତକାର ଉପରେ ଶରଦ ପୂର୍ଣ୍ଣଚ୍ଛେଦ ଟାଣିବା ସହିତ ମୁଁ ଏବେ ବି ଥକିନି ବୋଲି ସେ କହିଛନ୍ତି ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ବିଶିଷ୍ଟ...

ଭାରତର କାଳଜୟୀ ଦର୍ଶନ "ବସୁଧୈବ କୁଟୁମ୍ବକମ୍" ବିଷୟରେ ଉଲ୍ଲେଖ କରି ରାଷ୍ଟ୍ରପତି କହିଲେ ଯେ ଏହି ପରିକଳ୍ପନା ଏପରି ଏକ ପରିବେଶ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ, ଯାହା କେବଳ ଆମର ଆବଶ୍ୟକତା ପୂରଣ କରିବ ନାହିଁ, ବରଂ ବିଶ୍ୱର କଲ୍ୟାଣ ଦିଗରେ ମଧ୍ୟ ସହାୟକ ହେବ । ଆମେ ଏପରି ଏକ ରାଷ୍ଟ୍ର ହେବାକୁ ଚାହୁଁଛୁ ଯାହା ସାମାଜିକ ନ୍ୟାୟ ଓ ପରିବେଶ ପରିଚାଳନା ସହିତ ଆର୍ଥିକ ପ୍ରଗତିକୁ ସନ୍ତୁଳିତ କରିବ ତଥା ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବ । =ସେ କହିଥିଲେ ଯେ ଏହି ଲକ୍ଷ୍ୟ ହାସଲ କରିବାରେ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ।

ରାଷ୍ଟ୍ରପତି କହିଥିଲେ, ଯେତେବେଳେ ଆମେ ଆମ ପ୍ରବାସୀ ଭାରତୀୟ ପରିବାରର ସଫଳତାକୁ ପାଳନ କରୁଛୁ, ସେତେବେଳେ ଆମେ ମଧ୍ୟ ଆଶା ଓ ସଂକଳ୍ପର ସହିତ ଭବିଷ୍ୟତକୁ ଅପେକ୍ଷା କରିବା ଉଚିତ । ମିଳିତ ଭାବେ, ଆମେ ଏକ ବିକଶିତ ଭାରତ ନିର୍ମାଣ କରିପାରିବା, ଏପରି ଏକ ରାଷ୍ଟ୍ର ଯାହା ବିଶ୍ୱ ମଂଚରେ ଶୀର୍ଷରେ ରହିବ ଏବଂ ବିଶ୍ୱ ପାଇଁ ଅଶାର ଆଲୋକବର୍ତ୍ତିକା ହେବ ।

### ଓଡ଼ିଆ..

ପାଇଁ ପୁଣି ଥରେ ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ସମ୍ମିଳନୀ ମାଧ୍ୟମରେ ବିଶ୍ୱବାସୀ ଓଡ଼ିଶା ସମ୍ପର୍କରେ ଜାଣିବାକୁ ପାଇଲେ । ସର୍ବଦା ଓଡ଼ିଶାବାସୀ ପ୍ରବାସୀଙ୍କୁ ସ୍ୱାଗତ କରିବ । ଆଶା କରୁଛି ପ୍ରବାସୀ ଓଡ଼ିଆ । କଳା, ସଂସ୍କୃତି, ପର୍ଯ୍ୟଟନର ପ୍ରଚାର କରିବେ । ପ୍ରବାସୀ ଭାରତୀୟ ସମ୍ମିଳନ ଆୟୋଜନ ଦ୍ୱାରା ଓଡ଼ିଆ ଅସ୍ମିତା ଉଚ୍ଚକୋଟୀର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ପ୍ରବାସୀ ଭାରତୀୟ ଦିବସ'ରେ ଆପଣଙ୍କ ଗରିମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ସଫଳ ଏବଂ ସ୍ୱତନ୍ତ୍ର କରିପାରିଛି । ଆପଣଙ୍କ ମାର୍ଗଦର୍ଶନ ଉପସ୍ଥିତ ସମସ୍ତ ପ୍ରବାସୀ ଭାରତୀୟଙ୍କ ମନରେ ନୂଆ ଆଶା, ଉତ୍ସାହ ଏବଂ ଉଦ୍ଦୀପନା ଭରିଦେବା ସହ 'ବିକଶିତ ଭାରତ' ନିର୍ମାଣ ପାଇଁ ଅନୁପ୍ରାଣିତ କରିଛି । ଏଥିପାଇଁ ବ୍ୟକ୍ତିଗତ ଭାବେ ଆପଣଙ୍କୁ କୃତଜ୍ଞତା ଜଣାଉଛି ।

### ଓଡ଼ିଶାରେ...

ମୋଦୀ ପୂର୍ବୋଦୟ ପାଇଁ ଆହ୍ୱାନ ଦେଇଛନ୍ତି । ଭାରତ ସରକାରଙ୍କ 'ଲୁକ୍ ଇଷ୍ଟ- ଆକ୍ଟ ଇଷ୍ଟ' ନୀତିରେ ଓଡ଼ିଶା କେନ୍ଦ୍ରବିନ୍ଦୁ ହୋଇଛି । ଓଡ଼ିଶାରେ ସ୍ୱାଭିମାନ ଓ ଗଣତନ୍ତ୍ରର ମୂଳ ଗଭୀରତା ରହିଛି । ଏହା ହେଉଛି ବୁଦ୍ଧଙ୍କ ଭୂମି, ଶାନ୍ତିର ଭୂମି । ସମଗ୍ର ବିଶ୍ୱରେ ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି । ଯେତେବେଳେ ଓଡିଶାରେ କେହି ରାଜା ନଥିଲେ, ସେହି ସମୟରେ ଆମ ଓଡିଶାରେ ଗଣତନ୍ତ୍ର ଥିଲା । ଆମର ସମୂହ ତ୍ୟାଗ ବା ବଳିଦାନ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ବାଧ କରିଥିଲା । ଏହି ଭୂମି ପୂର୍ବୋଦୟର ଉତ୍ପତ୍ତିସ୍ଥଳୀ ହେବ ।

ଶ୍ରୀ ପ୍ରଧାନ କହିଛନ୍ତି, ଆଜି ଆମ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟରହିଛି । ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ୨୦୪୭ରେ ଭାରତ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ କରିବ । ଏହି ସମୟରେ ଆମକୁ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବ । ଓଡ଼ିଶାର ବିକାଶ ହେଲେ ହିଁ ଭାରତର ବିକାଶ ହେବ ।

ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିକୁ ଆସିଥିବା ସମସ୍ତ ପ୍ରବାସୀଙ୍କୁ ଶ୍ରୀ ପ୍ରଧାନ ସ୍ୱାଗତ ଜଣାଇଛନ୍ତି । ରାଷ୍ଟ୍ରପତିଙ୍କ ଠାରୁ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପାଇଥିବା ସମସ୍ତ ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ପ୍ରଦାନ କରିଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସରେ ମାର୍ଗଦର୍ଶନ ପାଇଁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟ ଜୟଶଙ୍କରଙ୍କୁ ଧନ୍ୟବାଦ ଦେଇଛନ୍ତି ।

### ପ୍ରବାସୀ..

ଚଳାଚଳ ସେବାରେ ବୃଦ୍ଧି ଘଟିଛି । ଆଗାମୀ ଦିନରେ କୁଏତ ଏବଂ କାତାର ଭଳି ଦେଶକୁ ମଧ୍ୟ ବିମାନ ଚଳାଚଳ ପାଇଁ ମଧ୍ୟ ଆମେ ବିଚାର କରୁଛୁ ।

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ, ଆମ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ଆମ ବୌଦ୍ଧିକ ମାନବ ସମ୍ବଳ । ଆପଣମାନେ ହେଉଛନ୍ତି ତାହାର ଉଦାହରଣ । ଓଡ଼ିଆ ସମ୍ଭ୍ରମତା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଜାତିର ଆପଣମାନେ ହେଉଛନ୍ତି ଜଣେ ଜଣେ ପ୍ରତୀକ । ଘରେ ପିଲାମାନଙ୍କୁ ଓଡ଼ିଆ ଭାଷା ଶିଖାଇବା ପାଇଁ ସେ ପ୍ରବାସୀ ଓଡ଼ିଆମାନଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶାରେ ଜଙ୍ଗଲ, ବେଳାଭୂମି, ମନ୍ଦିର ପରି ପର୍ଯ୍ୟଟନର ସମସ୍ତ ସମ୍ଭାର ରହିଛି । ଓଡ଼ିଶାର ଏହି ପର୍ଯ୍ୟଟନ ସମ୍ଭାର ବିଷୟରେ ଆପଣମାନେ ବିଦେଶରେ ଜଣାନ୍ତୁ ଚାକିରି କରିବା ବଦଳରେ ଚାକିରି ଦେବା ପଦ୍ଧତିକୁ ଆପଣେଇବା ପାଇଁ ସେ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ପ୍ରବାସରୁ ଆସିଥିବା ପ୍ରତିନିଧିମାନଙ୍କ ପକ୍ଷରୁ ଆମେରିକାର ଲୀନା ମିଶ୍ର, ଅଜୟ କେ.ମହାନ୍ତି, ଜାପାନରୁ କାଳୀପଦ ତ୍ରିପାଠୀ, ଯୁକ୍ତରାଜ୍ୟରୁ ସୁସ୍ମିତା ରାଜହଂସ, ବିଶ୍ୱଜିତ ପ୍ରଧାନ, ସୁକାନ୍ତ ସାହୁ, ଦୁବାଇରୁ ଅନୀଲ ଦାସ ଓ ଶୀତଲ ଯୋଶୀ, ଅଷ୍ଟ୍ରେଲିଆରୁ ପ୍ରଭାତୀ ପାଣିଗ୍ରାହୀ ଓ ଅମିତାଭ ମହାପାତ୍ର, ଥାଇଲାଣ୍ଡରୁ ଡ. ବ୍ରହ୍ମଦତ୍ତ , ମାଲେସିଆରୁ ସ୍ନିଗ୍ଧା ମିଶ୍ର ପ୍ରଭୃତି ଓଡ଼ିଶାର ଏହି ସୁନ୍ଦର ଆୟୋଜନ ପାଇଁ ଧନ୍ୟବାଦ ଦେବା ସହିତ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ମନ୍ତ୍ରୀ ସଂପଦ ଚରଣ ସ୍ୱାଇଁ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଶିକ୍ଷ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

### ହଂସିକା...

କୋଟିର ବେନାମୀ ସଂପତ୍ତି ମଧ୍ୟ ବିଲଡରଙ୍କ ପାଖରେ ମଧ୍ୟ ରହିଛି ।
ପୂର୍ବରୁ ପୋର୍ସେ, ଜାଗୁଆର, ବିଏମ୍ଡବ୍ଲୁ ଭଳି ୬ଟି ଦାମୀ କାର୍ ପରେ ଆଜି ୩କୋଟି ଟଙ୍କାର ଏକ ମର୍ସିଡିଜ କାର ଜବତ କରିଛି କମିସନ୍ରେଟ୍ ପୁଲିସ୍ ।ଏକ ପରିତ୍ୟକ୍ତ ସ୍ଥାନରେ କାରଟି ଲୁଚାଇ ରଖାଯାଇଥିଲା ଯାହାକୁ ଠାବ କରିବାରେ ସକ୍ଷମ ହୋଇଠି ଆୟକର ବିଭାଗ । ଏମିତି ଆହୁରି ଅଧିକ ଗାଡ଼ି ଅଛି କି ନାହିଁ ? ତାର ମଧ୍ୟ ବିସ୍ତୃତ ତଥ୍ୟ ମାଗିଛି ଭୁବନେଶ୍ୱର ଆରଟିଓଙ୍କୁ ।
ସେପଟେ ଗତ ୨୪ ତାରିଖରେ ଅନୀଲଙ୍କ ବର୍ଥ ଡେ ପାର୍ଟିକୁ ଯାଇଥିବା ଭଦ୍ରକ ଜିଲ୍ଲାର ଜଣେ ବିରୋଧୀ ଦଳର ବିଧାୟକ ଏବେ ଆୟକର ସ୍କାନରରେ । ତାଙ୍କ ସହ କଟକ ଓ କଳାହାଣ୍ଡି ଜିଲ୍ଲାର ଆଉ ୨ଜଣ ପୂର୍ବତନ ମନ୍ତ୍ରୀଙ୍କୁ ଇନକମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟ ନୋଟିସ୍ କରିବା ସୂଚନା ମିଳିଛି ।

### ବିଶାଳ...

ରୁଜୁ ହୋଇଛି । ଏହି ଘଟଣାରେ ସରାଇପାଲି ସମସ୍ତ ଅଭିଯୁକ୍ତଙ୍କୁ ରାତି ୨ଟାରୁ ଅଟକ ରଖିଥିବା ବେଳେ ଆଜି ଅପରାହ୍ଣରେ ନୋଟିସ୍ ଦେଇ ସମସ୍ତଙ୍କୁ ଛଡ଼ାଯାଇଛି । ଏମାନଙ୍କ ମଧ୍ୟରେ କିଛି ସରପଞ୍ଚ ଓ ସମିତି ସଭ୍ୟ ମଧ୍ୟ ରହିଥିବା ଜଣାପଡ଼ିଛି ।

ହୋଟେଲ ମ୍ୟାନେଜର ପ୍ରବୀଣ ଭୋଇଙ୍କ ଏତଲା ଆଧାରରେ, ଗତକାଲି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଫୋନ୍ କଲ୍ ମାଧ୍ୟମରେ ୯ଟି ରୁମ୍ ବୁକ୍ କରାଯାଇଥିଲା । ରୁମ୍ ବୁକିଂ ହେବା ପରେ ପ୍ରାୟ ୧୫ ଜଣ ବ୍ୟକ୍ତି ଆସି ହୋଟେଲରେ ରହିଥିଲେ । କିନ୍ତୁ ବାରମ୍ବାର କହିବା ପରେ ବି ସେମାନେ ନିଜର ପରିଚୟ ପତ୍ର ଦେଇନଥିଲେ । ଯଦିଓ ହୋଟେଲ ଭଡ଼ା ବାବଦକୁ ୮ ହଜାର ଟଙ୍କା ପୈଠ କରିଥିଲେ କିନ୍ତୁ ପରିଚୟ ପତ୍ର ଦେଇନଥିଲେ । ଶ୍ରୀ ଭୋଇଙ୍କ ଡ୍ୟୁଟି ଶେଷ ହେବା ପରେ ସେ ଘରକୁ ଚାଲି ଆସିଥିଲେ । ରାତି ପ୍ରାୟ ୧ଟା ବେଳେ ହୋଟେଲରେ ଥିବା ଅନ୍ୟ ଜଣେ କର୍ମଚାରୀ ତ୍ରିନାଥ ଭୋଇ ତାଙ୍କୁ ଫୋନ୍ କରି ୧୦-୧୫ ଜଣ ବ୍ୟକ୍ତି ଆସି ହୋଟେଲର ସଟର ତାଡ଼ି ଭିତରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ନେଇ ଅଭିଯୋଗ କରିଥିଲେ । ତ୍ରିନାଥ ଭୋଇ ତଳକୁ ଯାଇ ଦେଖିବା ବେଳକୁ ଉକ୍ତ ବ୍ୟକ୍ତିମାନେ ସଟର ତାଡ଼ି ଭିତରେ ପ୍ରବେଶ କରିସାରିଥିଲେ । ସେହି ସମୟରେ ହୋଟେଲ ବାହାରେ ମୁଖ୍ୟ ରାସ୍ତାରେ ପୁଲିସର ପାଟ୍ରୋଲିଂ ଗାଡ଼ି ଯାଉଥିବା ବେଳେ ତ୍ରିନାଥ ଭୋଇ ସେମାନଙ୍କୁ ପାଟି କରି ଡାକିଥିଲେ ।

ପୁଲିସ୍ ପହଞ୍ଚିବା ପରେ ଗାଡ଼ିରୁ ଡୋଳାମଣି ଭୋଇ ନାମକ କର୍ମଚାରୀ ବାହାରିଥିଲେ । ତ୍ରିନାଥ ତାଙ୍କୁ ଘଟଣା ସମ୍ପର୍କରେ ଜଣାଇବା ବେଳକୁ ଭିତରେ ପୂର୍ବରୁ ଥିବା ୧୫ ଜଣ ଓ ପରେ ସଟର ତାଡ଼ି ପ୍ରବେଶ କରିଥିବା ବ୍ୟକ୍ତିମାନେ ପୁଲିସ୍ କର୍ମଚାରୀ ଶ୍ରୀ ଭୋଇଙ୍କୁ ଧକ୍କା ମାରି ଗାଡ଼ିକୁ ଚାଲି ଯାଇଥିଲେ । ଶୀଘ୍ର ଶୀଘ୍ର ଗାଡ଼ିରେ ବସି ଚାଲ ବୋଲି କହି ସେମାନେ ୬-୭ଟି ଗାଡ଼ିରେ ଜୟସ୍ତମ୍ଭ ଛକ ଆଡ଼କୁ ଚାଲି ଯାଇଥିଲେ । ଏହି ଘଟଣାରେ ସରାଇପାଲି ପୁଲିସ୍ ବିଏନ୍ଏସ୍ ଧାରା ୩୩୧(୪) ଓ ୧୯୧(୨) ଅନ୍ତର୍ଗତ ସ୍ୱରାଜ ଭୋଇ, ମନ ବାଘ, କୃଷ୍ଣଚନ୍ଦ୍ର ପ୍ରଧାନ, ସମୀର ପ୍ରଧାନ, ତପୀ ମରେଇ, ସିଦ୍ଧାର୍ଥ ଖରସେଲ୍, ରାକେଶ ସିହ୍ନା, ବିଶାଳ ଦାସ, ଗୋପାଳକୃଷ୍ଣ ପରସିଆ, ପ୍ରକାଶ ଦୀପ, ବିଶ୍ୱନାଥ ତ୍ରିପାଠୀ, ଜଗତରାମ ନିଷାଦ, ସିଦ୍ଧାର୍ଥ ନାଥ ଓ ଅନ୍ୟ ୧୦-୧୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି ।

ପୁଲିସର କାର୍ଯ୍ୟାନୁଷ୍ଠାନକୁ ବିଶାଳ ଦାସ ବେଆଇନ ବୋଲି କହିଛନ୍ତି । ତେବେ ତାଙ୍କୁ କାହିଁକି ଅଟକ ରଖାଯାଇଛି, ସରେଇପାଲି ଥାନା ପୁଲିସର ପ୍ରତିକ୍ରିୟା ମିଳି ନାହିଁଯ ସେପଟେ ଭାଇଙ୍କୁ ଅଟକ ରଖିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭଉଣୀ ତଥା ପୂର୍ବତନ ବିଧାୟକ ଦୀପାଳି ଦାସ । ଏହା ଗଣତନ୍ତ୍ରର ହତ୍ୟା ଏବଂ ରାଜ୍ୟରେ ଡାର୍ଟି ପଲିଟିକ୍ସ ଚାଲିଛି ବୋଲି ଦୀପାଳି କହିଛନ୍ତି ।

### ଖୋଲିଲା.

ଛାତ୍ରଛାତ୍ରୀମାନଙ୍କୁ ଯୋଗଦେବାକୁ ଉତ୍ସାହିତ କରାଯାଏ, କାରଣ ପ୍ରଦର୍ଶନୀ ଭାରତର ବିକାଶ ଏବଂ ନବସୃଜନ ବିଷୟରେ ଶିକ୍ଷାଗତ ଅନ୍ତର୍ଦୃଷ୍ଟି ପ୍ରଦାନ କରେ ଏହା ପରମ୍ପରା ଏବଂ ଆଧୁନିକତାର ସନ୍ଧିକୁ ଅନୁସନ୍ଧାନ କରିବାର ଏକ ସୁଯୋଗ, ଯାହା ଭାରତର ବିକଶିତ ବିଶ୍ବ ପରିଚୟକୁ ପ୍ରତିଫଳିତ କରେ । ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରବତୀ ପରିଡା କହିଛନ୍ତି, ପ୍ରବାସୀ ଦିବସ ଭେନ୍ୟୁରେ ଆମର ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟକୁ ଗର୍ବିତ କରୁଥିବା ଅନେକ ପ୍ରେରଣାଦାୟକ ଏବଂ ସମୃଦ୍ଧ ମଡେଲ ସ୍ଥାନ ପାଇଥିବାରୁ ଆଜି ଏହି ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି । ଏହି ଭେନ୍ୟୁ ଜାନୁଆରୀ ୧୨ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ଏହା ମାଗଣା ହେବ ଏହା ବ୍ୟତୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବ ।

### ନାରୀ..

ବିବିଧ କମ୍ପାନୀ ସମୂହର ପ୍ରତିଷ୍ଠାତ୍ରୀ, ଖ୍ୟାତନାମା ଉଦ୍ୟୋଗପତି ତଥା ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀମତୀ ସୁଦ୍ଧା ମାଜିଥିଆ, ପ୍ରଥମ ମହିଳା ପଣ୍ଡିତ ଭାବେ ପରିଚିତା ବିଶିଷ୍ଟ ଶିକ୍ଷା, ସଂସ୍କୃତି ଏବଂ ନାରୀଶକ୍ତି କର୍ମୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ- ତ୍ରିନିଦାଦ ଓ ଟୋବାଗୋର ପ୍ରାଧାପିକା ଡ. ଇନ୍ଦ୍ରାଣୀ ରାମପରସାଦ, ଅଦିଶଅବାବାର ଅନେକ ସମାଜକଲ୍ୟାଣ ପ୍ରକଳ୍ପର ଅନୁଭବ ତଥା ବନ୍ୟା ପ୍ରଶମନ ଏବଂ ଭିନ୍ନଭିନ୍ନ ଟିମଙ୍କ ସହ ବନ୍ଧନରେ ପର୍ଯ୍ୟଟନ ସ୍ଥଳୀ ପୁନରୁଦ୍ଧାର ସଂପର୍କିତ ଅଭିଜ୍ଞତା ରଖିଥିବା ଶ୍ରୀମତୀ ମୈତ୍ରୀ ଯୋଶୀ, ଦୋହା ମାର୍କେଟରେ ଅଭିନବ ବ୍ୟବସାୟିକ ଅନୁଭବ ସହ ବଳିଷ୍ଠ ଲୋକ ସମ୍ପର୍କ ଦକ୍ଷତା ଥିବା ସକଲା ଆସ୍ୱାଟ୍ୟୁ ଦେବ୍ରାଜ୍, ଭାରତର ସମୃଦ୍ଧ ହସ୍ତଶିଳ୍ପକୁ ବିଦେଶରେ ଅନେକ ବିକ୍ରୟସ୍ଥଳ ଶୃଙ୍ଖଳର ସ୍ୱତ୍ୱାଧିକାରିଣୀ ଥିବା ଶ୍ଲୋଭେନିଆର କୋକିଭେବେର, ନରଓ୍ୱେର ସେଣ୍ଟରଫରଡାଇଭର୍ସିଟି ଲିଡରଶିପ ସୀମାର ପ୍ରତିଷ୍ଠାତା ତଥା ମୁଖ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଲଭଲିନବ୍ରେନ୍ନା ପ୍ରମୁଖ ଉକ୍ତ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ନିଜ ନିଜର ଅନୁଭବ ଏବଂ ମୂଲ୍ୟବାନ ମତ ରଖିଥିଲେ ।

# ମହିଳା ଦିନିକିଆ : ଆୟର୍ଲାଣ୍ଡକୁ ହରାଇଲା ଭାରତ

## ମନ୍ଧାନାଙ୍କ ନାଁରେ ଯୋଡ଼ି ହେଲା ଅନେକ ରେକର୍ଡ




ନୂଆଦିଲ୍ଲୀ, ୧୦।୧: ଆଜି ଅନୁଷ୍ଠିତ ପ୍ରଥମ ଦିନିକିଆରେ ଆୟର୍ଲାଣ୍ଡକୁ ୬ ଓ୍ୱିକେଟରେ ପରାସ୍ତ କରିଛି ମହିଳା କ୍ରିକେଟ ଦଳ। ଭାରତ ପାଇଁ ପ୍ରତିକା ଦମ୍‌ଦାର ଇନିଂସ ଖେଳିଛନ୍ତି। ଏହି ମ୍ୟାଚରେ ରେକର୍ଡ କରିଛନ୍ତି ଭାରତୀୟ ମହିଳା ଟିମର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା। ସେ ଭାରତର ଦ୍ରୁତତମ ମହିଳା କ୍ରିକେଟର ଭାବେ ଦିନିକିଆରେ ୪ ହଜାର ରନ ପୂରଣ କରିଛନ୍ତି। ଆଜି ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଖେଳା ଯାଇଥିବା ଆୟର୍ଲ୍ୟାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ମନ୍ଧାନା ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି।

ସେହିପରି ମନ୍ଧାନା ବିଶ୍ୱର ୧୫ତମ ମହିଳା କ୍ରିକେଟର ଭାବେ ଦିନିକିଆରେ ୪ ହଜାର ରନର ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏହାବାଦ ମିତାଲି ରାଜଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ଦିନିକିଆରେ ୪ ହଜାର ରନ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି। ମନ୍ଧାନା ଆଜି ଆୟର୍ଲ୍ୟାଣ୍ଡ ବିପକ୍ଷରେ ଦଳର କମାଣ ସମ୍ଭାଳିବା ସହ ୪୧ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସ ଯୋଗୁ ଆୟର୍ଲଣ୍ଡ ଦେଇଥିବା ୨୩୯ ରନର ଟାର୍ଗେଟକୁ ଭାରତୀୟ ମହିଳା ଦଳ ୯୩ଟି ବଲ ପୂର୍ବରୁ ୪ ଓ୍ୱିକେଟ ହରାଇ ହାସଲ କରି ନେଇଛି। ମନ୍ଧାନା ୨୯ ବଲରେ ୪୧ ରନର ଇନିଂସ ଖେଳିଥିବା ବେଳେ ଅନ୍ୟତମ ଓପନର ପ୍ରତିକା ରାଓ୍ୱତ ୮୯ ଓ ତେଜାଲ ହସାବିନ୍ସ ଅପରାଜିତ ୫୩ ରନ କରିଛନ୍ତି। ଅନ୍ୟପକ୍ଷରେ ମନ୍ଧାନା ଆଜି ତାଙ୍କ ଦିନିକିଆ କ୍ୟାରିୟରର ୯୫ତମ ମ୍ୟାଚ୍ ଖେଳିଛନ୍ତି। ସେ ଭାରତର ଦ୍ରୁତତମ ଓ ବିଶ୍ୱର ତୃତୀୟ ଦ୍ରୁତତମ ଖେଳାଳି ଭାବେ ଏହି ଫର୍ମାଟରେ ୪ ହଜାର ରନ ପୂରଣ କରିଛନ୍ତି। ସେ ପ୍ରଥମ ଭାରତୀୟ ମହିଳା ଯଦି ୧୦୦ରୁ କମ ଇନିଂସରେ ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ମିତାଲି ରାଜ ୭୮୦୫ ରନ ସହ ତାଲିକାର ୧ନଂ ସ୍ଥାନରେ ରହିଥିବା ବେଳେ ଏବେ ମନ୍ଧାନା ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ପ୍ରେମାନନ୍ଦ ମହାରାଜଙ୍କ ଶରଣ ପଶିଲେ ବିରୁଷ୍କା



ନୂଆଦିଲ୍ଲୀ, ୧୦।୧: ଟିମ ଇଣ୍ଡିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ପାଇଁ ଅଷ୍ଟ୍ରେଲିଆ। ଗସ୍ତ କିଛି ବିଶେଷ ନ ଥିଲା ବର୍ଡର-ଗାଭାସ୍କର ଟେଷ୍ଟ ସିରିଜରେ ଟିମ ଇଣ୍ଡିଆକୁ ପରାଜୟର ସାମ୍ନା କରିବାକୁ ପଡିଥିଲା ଭାରତ ଫେରିବା ପରେ, ବିରାଟ କୋହଲି ପ୍ରେମାନନ୍ଦ ମହାରାଜଙ୍କୁ ଭେଟିବାକୁ ଯାଇଥିଲେ ତାଙ୍କ ସହିତ ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ଉପସ୍ଥିତ ଥିଲେ କୋହଲି ପୂର୍ବରୁ ପ୍ରେମାନନ୍ଦ ମହାରାଜଙ୍କୁ ମଧ୍ୟ ଭେଟିଛନ୍ତି ଏହି ସମୟରେ ଅନୁଷ୍କା ପ୍ରେମାନନ୍ଦ ମହାରାଜଙ୍କଠାରୁ ଏକ ବିଶେଷ ଜିନିଷ ମାଗିଥିଲେ। କୋହଲି ଏବଂଅନୁଷ୍କା ସେମାନଙ୍କ ପିଲାମାନଙ୍କ ସହିତ ପ୍ରେମାନନ୍ଦ ମହାରାଜଙ୍କୁ ଦର୍ଶନ କରିଥିଲେ ଏହି ସମୟରେ ଅନୁଷ୍କା ପ୍ରେମାନନ୍ଦ ମହାରାଜଙ୍କୁ କହିଥିଲେ, ଗତ ଥର ଯେତେବେଳେ ଆମେ ଆସିଥିଲୁ, ଆମ ମନରେ କିଛି ପ୍ରଶ୍ନ ଥିଲା କିନ୍ତୁ ବସିଥିବା ସମସ୍ତ ଲୋକ ସମାନ ପ୍ରକାରର ପ୍ରଶ୍ନ ପଚାରୁଛନ୍ତି। ଏଥର ମଧ୍ୟ, ଯେତେବେଳେ ଆମେ ଏଠାକୁ ଆସିବା ବିଷୟରେ କଥା ହେଉଥିଲୁ ସେତେବେଳେ ମନରେ ବିଭିନ୍ନ ପ୍ରଶ୍ନ ଆସୁଥିଲା ଆପଣ ଆମକୁ କେବଳ ପ୍ରେମ ଏବଂ ଭକ୍ତି ଦିଅନ୍ତୁ। ବିବାହ ପୂର୍ବରୁ ବିରାଟ କୋହଲିଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସ କମ ଥିଲା କିନ୍ତୁ ଅନୁଷ୍କାଙ୍କୁ ବିବାହ କରିବା ପରେ ସେ ବଦଳିଗଲେ ବିରାଟ ପୂର୍ବରୁ ପ୍ରେମାନନ୍ଦ ମହାରାଜଙ୍କୁ ମଧ୍ୟ ଭେଟିଛନ୍ତି ସେ ତାଙ୍କ ପତ୍ନୀ ଅନୁଷ୍କାଙ୍କ ସହ କୈଞ୍ଚି ଧାମ ମଧ୍ୟ ପରିଦର୍ଶନ କରିଛନ୍ତି। କୋହଲି ଏବେ ୨୦୨୫ ଚମ୍ପିଅନ୍ସ ଟ୍ରଫି ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ଏହା ପୂର୍ବରୁ ସେ ପରିବାରକୁ ସମୟ ଦେଉଛନ୍ତି।

# ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖଣ୍ଡପଡା, ୧୦।୧ (ନି.ପ୍ର) ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ସ୍ଥାନୀୟ ବଡ଼ ପଡ଼ିଆରେ ୨ୟ ଟି-୨୦ ଖଳିସାହି କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସାଇ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଖୋର୍ଦ୍ଧା ୭ ଓ୍ୱିକେଟ୍‌ରେ ରାଜା କ୍ରିକେଟ କ୍ଲବ କଟକକୁ ପରାସ୍ତ କରି ବିଜୟୀ ହୋଇଛି। କଟକ ଟିମ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୧୮.୨ ଓଭରରେ ୧୦ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ଟିମ ୧୦ ଓଭରରେ ୩ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା।

ବିଜୟୀ ଦଳର ବିଭୁଦତ ମହାନ୍ତି ୪ ଓଭରରେ, ୩୦ ରନ୍‌ଦେଇ ୪ଗୋଟି ଓ୍ୱିକେଟ୍ ଅକ୍ତିଆର କରି ଆଜି ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଥିଲେ। ରବି ନାରାୟଣ ମିଶ୍ର ଓ ଦୀପକ ସାହୁ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟୀତ୍ୱ ତୁଲାଇ ଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଓ ବିଶିଷ୍ଟ ଅତିଥି ଭାବେ ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ଖଳିସାହି ସରପଂଚ ଫକୀର ମୋହନ ଦାସ ଯୋଗଦେଇ ଟୁର୍ନ୍ନାମେଂଟକୁ ଉଦ୍‌ଘାଟନ କରିବା ସହ ଉଭୟ ଦଳର ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲି ଶନିବାର କଟକ ବିଏନ୍‌ସିସି ସହ ଏମ୍‌ବିସିସି ଚୌଦ୍ୱାର ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମ୍‌ର ସମ୍ପାଦକ ଶରତ କୁମାର ସାହୁଙ୍କ ଠାରୁ ପ୍ରକାଶ।

## ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା କ୍ରିକେଟ

କେନ୍ଦ୍ରାପଡ଼ା, ୧୦।୧: କେନ୍ଦ୍ରାପଡ଼ା ରାଜକନିକା ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡ଼ାଳିକାଏନ୍ଦାସ୍ଥିତ ସରସ୍ୱତୀ ଖେଳ ପଡିଆରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକସଂଘ ଆନୁକୁଲ୍ୟରେ ୪୯ତମ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ବିଜୟ ଦଳ କୁ ୨୫୦୦୦ ଟଙ୍କା ଓ କପ ଦିଆ। ଯାଇଥିବା ବେଳେ ରନର୍ସ ହୋଇଥିବା ଟିମ୍ କୁ ୨୦୦୦୦ ଓ ରନର୍ସ କପ ପ୍ରଦାନ କରାଯାଇଥିଲା।



## ୮୦ତମ ଖେଳ ପ୍ରତିଯୋଗିତା

ବାଲେଶ୍ୱର, ୧୦।୧ (ଏଜେନ୍ସି): ୯ ଓ ୧୦. ୨୦୨୫ରେ ଜିଲ୍ଲା ଏଥେଲେଟିକ ଆସୋସିଏସନ ତରଫରୁ ୮୦ତମ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଏଥିରେ ୧୫ବର୍ଷର ଲକ୍ଷ୍ମୀପ୍ରସାଦ ରାଉତ କେନ୍ଦ୍ରୀୟ ବିଦ୍ୟାଳୟ ର ୧୧ ବିଜ୍ଞାନ ର ଛାତ୍ର. ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ୧୦୦ମିଟର ଓ ୨୦୦ମିଟର ଦୌଡରେ ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି। ବାଲେଶ୍ୱର ଜିଲ୍ଲାରେ ମୋଟ ୭୯ସ୍କୁଲ ଓ କଲେଜ ର ୧୦୮୮ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ବାସ୍ତବରେ ଲକ୍ଷ୍ମୀପ୍ରସାଦ ଜଣେ ମେଧାବୀ ଛାତ୍ର ଅଟନ୍ତି। ତାଙ୍କ ପାଇଁ ପିତା ଓ ମା ଓ ପରିବାର ଏବଂ ଗ୍ରାମବାସୀ ମଧ୍ୟ ଖୁସି ପ୍ରକୋଟ କରିଛନ୍ତି।

# ମୋତେ ବିଷ ଦିଆଯାଇଥିଲା : ଜୋକୋଭିଚ



ମେଲବର୍ନ, ୧୦।୧: ଟେନିସ ଷ୍ଟାର ନୋଭାକ ଜୋକୋଭିଚ ଦାବି କରିଛନ୍ତି ଯେ ୨୦୨୨ ମସିହାରେ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯାଇଥିଲା ସେ ସେତେବେଳେ ମେଲବର୍ନରେ ଥିଲେ ୨୦୨୨ ଅଷ୍ଟ୍ରେଲିଆ। ଓପନ ସମୟରେ ମେଲବର୍ନରେ ତାଙ୍କ ସହିତ ସମାନ ଘଟଣା ଘଟିଥିଲା। ସେ ସେତେବେଳେ କୋଭିଡ-୧୯ ଟିକା ନେବାକୁ ମନା କରିଦେଇଥିଲେ ଯାହା ପରେ ତାଙ୍କୁ ଦେଶ ଛାଡିବାକୁ ମଧ୍ୟ କୁହାଯାଇଥିଲା।

ସେ କହିଛନ୍ତି, ସେତେବେଳେ ମୋର କିଛି ସ୍ୱାସ୍ଥ୍ୟ ସମସ୍ୟା ଥିଲା ଏବଂ ମୁଁ ଅନୁଭବ କଲି ଯେ ମେଲବର୍ନର ସେହି ହୋଟେଲରେ ମୋତେ କିଛି ବିଷାକ୍ତ ଖାଦ୍ୟ ଖୁଆଇ ଦିଆଯାଇଥିଲା। ଗୁରୁବାର ଏକ ସାକ୍ଷାତକାରରେ ୩୭ ବର୍ଷୀୟ ଜୋକୋଭିଚ କହିଥିଲେ, ଯେତେବେଳେ ମୁଁ ସର୍ବିଆ। ଫେରିଲି, ମୁଁ ଏହା ଜାଣିଲି ମୁଁ ଏହା କେବେ କାହାକୁ କହିନାହିଁ, କିନ୍ତୁ ମୁଁ ଜାଣିପାରିଲି ଯେ ମୋ ଶରୀରରେ ପ୍ରଚୁର ପରିମାଣରେ ପାରଦ ଏବଂ ସୀସା ଅଛି।

ଅଷ୍ଟ୍ରେଲିଆର ଗୃହ ବ୍ୟାପାର ମୁଖପାତ୍ର କହିଛନ୍ତି ଯେ ଗୋପନୀୟତା କାରଣରୁ ସେ ଏହି ବିଷୟଗୁଡ଼ିକ ଉପରେ ମନ୍ତବ୍ୟ ଦେଇପାରିବେ ନାହିଁ ତଥାପି, ସରକାର କହୁଛନ୍ତି ଯେ ପାର୍କ ହୋଟେଲ ଯେଉଁଠାରେ ନୋଭାକଙ୍କୁ ରଖାଯାଇଥିଲା। ସେଠାରେ ସମସ୍ତଙ୍କୁ ସଦ୍ୟ ରନ୍ଧା ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ଦିଆଯାଇଥିଲା।

ନୋଭାକଙ୍କୁ ହୋଟେଲରେ ରହିବା ପାଇଁ ଆଇନଗତ ଲଢ଼େଇ ଲଢ଼ିବାରୁ ତାଙ୍କୁ ହେପାଜତରେ ରଖାଯାଇଥିଲା। ସେ କୋଭିଡ -୧୯ ପରୀକ୍ଷା କରିବାକୁ ମନା କରିଦେଇଥିଲେ ଯାହା ପରେ ତାଙ୍କ ପ୍ରତି ଏପରି ମନୋଭାବ ଗ୍ରହଣ କରାଯାଉଥିଲା। ସେମାନଙ୍କୁ ଦିନ କିମ୍ବା ରାତିର ଯେକୌଣସି ସମୟରେ ବ୍ରେଡ, ନୁଡୁଲ୍ସ, ଚା ଏବଂ କଫି ଭଳି ଜଳଖିଆ। ସାମଗ୍ରୀ ମଧ୍ୟ ଦିଆଯାଉଥିଲା ତଥାପି, ଏଥିରେ ବିଷ ଥିଲା କି ନାହିଁ କେବଳ ସେଠାକାର ଅଧିକାରୀମାନେ ଏହା ଜାଣିପାରିବେ।

# ହଠାତ୍ ସନ୍ନ୍ୟାସ ଘୋଷଣା କଲେ ଆରୋନ



ନୂଆଦିଲ୍ଲୀ, ୧୦।୧: ଟିମ ଇଣ୍ଡିଆର ଖେଳାଳି ବରୁଣ ଆରୋନ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ମାତ୍ର ୩୫ ବର୍ଷ ବୟସରେ ଅବସର ନେଇଛନ୍ତି। ବରୁଣ ଭାରତ ପାଇଁ ୯ଟି ଦିନିକିଆ। ଏବଂ ୯ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ସେ ତାଙ୍କର ଘାତକ ବୋଲିଂ ପାଇଁ ପ୍ରସିଦ୍ଧ ଇଣ୍ଡିଆନ ପ୍ରିମିୟର ଲିଗରେ ମଧ୍ୟ ବରୁଣଙ୍କର ଏକ ଭଲ ରେକର୍ଡ ଅଛି।

ସେ ଘରୋଇ କ୍ରିକେଟରେ ଝାଡ଼ଖଣ୍ଡ ପାଇଁ ଖେଳନ୍ତି। ବରୁଣ ଚଳିତ ବର୍ଷ ଜାନୁଆରୀ ୫ ତାରିଖରେ ଝାଡ଼ଖଣ୍ଡ ପାଇଁ ଗୋଆ। ବିପକ୍ଷରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ବରୁଣ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି ସେ ଶୁକ୍ରବାର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି ଏହା ମାଧ୍ୟମରେ ତାଙ୍କର ଅବସର ଘୋଷଣା କରିଥିଲେ ବରୁଣ ଲେଖିଛନ୍ତି, ମୁଁ ଗତ ୨୦ ବର୍ଷ ଧରି ଦ୍ରୁତ ବୋଲିଂରେ ବଞ୍ଚିଛି। ଆଜି ମୁଁ ଆନୁଷ୍ଠାନିକ ଭାବରେ କ୍ରିକେଟରୁ ମୋର ଅବସର ଘୋଷଣା କରୁଛି। ମୋ ପାଇଁ, ଏହି ଯାତ୍ରା ଈଶ୍ୱର, ପରିବାର, ବନ୍ଧୁ, ସାଥୀ ଖେଳାଳି, ପ୍ରଶିକ୍ଷକ, ସହାୟକ କର୍ମଚାରୀ ଏବଂ ପ୍ରଶଂସକଙ୍କ ବିନା ସମ୍ଭବ ହୋଇନଥାନ୍ତା। ମୁଁ ବିସିସିଆଇ ଏବଂ ଜେଏସସିଏକୁ ଧନ୍ୟବାଦ ଜଣାଉଛି।

# 'ଜାଣିଶୁଣି ଯୁବରାଜଙ୍କ କ୍ୟାରିୟର ଖରାପ କରିଥିଲେ କୋହଲି'



ନୂଆଦିଲ୍ଲୀ, ୧୦।୧: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଖେଳାଳି ରବିନ ଉଥପ୍ପା ନିକଟରେ ଏକ ବୟାନ ଦେଇଛନ୍ତି, ଯାହା କ୍ରିକେଟ ଜଗତରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉଥପ୍ପା ଦାବି କରିଛନ୍ତି, ବିରାଟ କୋହଲି ଯୁବରାଜ ସିଂହଙ୍କ ଅଧିନାୟକ୍ ସମୟରେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରକୁ ସମାପ୍ତ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରିଥିଲେ ତାଙ୍କ ମତରେ, କୋହଲି ଫିଟନେସ ମାନଦଣ୍ଡ ଦର୍ଶାଇ ଯୁବରାଜଙ୍କ ଦଳକୁ ଫେରିବା ବାଟକୁ ଅବରୋଧ କରିଥିଲେ।

ଯୁବରାଜ ସିଂହ ସେହି ଖେଳାଳିମାନଙ୍କ ମଧ୍ୟରୁ ଜଣେ ଥିଲେ ଯେଉଁମାନେ ଭାରତକୁ ୨୦୧୧ ବିଶ୍ୱକପ ଜିତାଇଥିଲେ। ଏହା ପରେ, କର୍କଟ ରୋଗ ଭଳି ଗମ୍ଭୀର ରୋଗ ସହିତ ଲଢ଼ି ପଡ଼ିଆକୁ ଫେରିଥିବା ଯୁବରାଜ ସିଂହଙ୍କୁ କଡ଼ା ଫିଟନେସ ମାନଦଣ୍ଡ ଯୋଗୁ ଦଳରୁ ବାହାର କରାଯାଇଥିଲା।

ରବିନ ଉଥାପ୍ପା ପ୍ରକାଶ କରିଛନ୍ତି, ଯୁବରାଜ ଫିଟନେସ ପରୀକ୍ଷାରେ କେବଳ ଦୁଇଟି ମାର୍କ ଛାଡ଼ କରିବାକୁ କହିଥିଲେ। କିନ୍ତୁ କୋହଲି ଏହାକୁ ମଞ୍ଜୁର କରି ନ ଥିଲେ। ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଏବଂ ଦଳରେ ସ୍ଥାନ ପାଇଲେ, କିନ୍ତୁ ଏକ ଖରାପ ଟୁର୍ନାମେଣ୍ଟ ପରେ, ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ବାଦ ଦିଆଯାଇଥିଲା। ଉଥାପ୍ପା କହିଛନ୍ତି, ଯୁବି ପା ହେଉଛନ୍ତି ସେହି ଖେଳାଳି ଯିଏ ଆମକୁ ବିଶ୍ୱକପ ଜିତାଇଥିଲେ ସେ କର୍କଟ ରୋଗ ଭଳି ମାରାତ୍ମକ ରୋଗ ସହିତ ଲଢ଼ିବା ପରେ ପୁନରାଗମନ କରିଥିଲେ କିନ୍ତୁ ଅଧିନାୟକ କୋହଲି ତାଙ୍କୁ ଫିଟନେସ ଦୃଷ୍ଟିରୁ କୌଣସି ରିହାତି ଦେଇ ନ ଥିଲେ।

ରବିନ ଉଥାପ୍ପା ଆହୁରି କହିଛନ୍ତି, ଯୁବରାଜଙ୍କ ସହ ଏପରି ବ୍ୟବହାର ତାଙ୍କ କ୍ୟାରିୟର ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା ଏକ ଖରାପ ଟୁର୍ନାମେଣ୍ଟ ପରେ, ତାଙ୍କୁ ଦଳରୁ ବାହାର କରାଯାଇଥିଲା ଏବଂ ତାଙ୍କୁ ଫେରିବାର ସୁଯୋଗ ଦିଆ। ଯାଇ ନ ଥିଲା। ଉଥାପ୍ପାଙ୍କ ମତରେ, ଯେତେବେଳେ ବିରାଟ କୋହଲି ଅଧିନାୟକ ହେଲେ, ଯୁବରାଜଙ୍କୁ ଆବଶ୍ୟକ ସମର୍ଥନ ମିଳି ନ ଥିଲା।

## ୨-୧ ଗୋଲ୍‌ରେ କଳିଙ୍ଗ ବିଜୟୀ

ରାଉରକେଲା, ୧୦।୧: ହକି ଇଣ୍ଡିଆ। ଲିଗରେ ପ୍ରତିଦିନ ସଂଘର୍ଷପୂର୍ଣ୍ଣ ମୁକାବିଲା। ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଗୋନାଶିକାକୁ ମାତ ଦେଇଛି କଳିଙ୍ଗ ଲାନସର୍ସ ୨-୧ ଗୋଲରେ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବେଦାନ୍ତ କଳିଙ୍ଗ ଲାନସର୍ସ ଓ ଗୋନାଶିକା ମ୍ୟାଚ୍ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଗୋନାଶିକା ଗୋଲ୍ ଖାତା ଖୋଲିଥିଲା। ୧୪ ମିନିଟରେ ଏସ୍‌ଭି ସୁନୀଲ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ ଦ୍ୱିତୀୟ କ୍ୱାର୍ଟରରେ ଲାନସର୍ସ ଏହି ଗୋଲ୍ ପରିଶୋଧ କରିଥିଲା। ୨୮ ମିନିଟରେ କିନା ଆଷ୍ଟୋଇନେ ପ୍ରଥମ ଗୋଲ୍ ଦେଇଥିଲେ ପୁଣି ତୃତୀୟ କ୍ୱାର୍ଟର ଆରମ୍ଭରୁ ଲାନସର୍ସ ଦ୍ୱିତୀୟ ଗୋଲ୍ ୩୩ ମିନିଟରେ ଦେଇ ୨-୧ରେ ଆଗୁଆ ରହିଥିଲା ଖେଳର ପରବର୍ତ୍ତୀ ସମୟ ଅତି ସଂଘର୍ଷପୂର୍ଣ୍ଣ ରହିଥିଲା ଗୋନାଶିକା ପ୍ରତ୍ୟାବର୍ତ୍ତନ କରିବା ନେଇ ସମସ୍ତ ବଳ ଲଗାଇ ଦେଇଥିଲା। ସେମିତି ଲାନସର୍ସ ମଧ୍ୟ ଅଧିକ ଗୋଲ୍ ଦେବା ନେଇ ତୀବ୍ର ଆକ୍ରମଣ କରିଥିଲା। କିନ୍ତୁ ଉଭୟ ଦଳ ନିଜ ନିଜର ପ୍ରୟାସରେ ବିଫଳ ରହିଥିଲେ ଶେଷରେ ଗୋଟିଏ ଗୋଲରେ ଅଗ୍ରଣୀ ସହ ଲାନସର୍ସ ଏହି ମ୍ୟାଚରେ ବିଜୟୀ ହୋଇଛି। ସିଜନରେ ଲାନସର୍ସ ୫ଟି ମ୍ୟାଚ୍‌ରୁ ୨ଟି ବିଜୟ, ଗୋଟିଏ ଖେଳର ନିର୍ଦ୍ଧାରିତ ସମୟରେ ମଧ୍ୟରେ ଡ୍ର ଏବଂ ୨ଟି ପରାଜୟ ସହ ମୋଟ୍ ୭ ପଏଣ୍ଟ ପାଇଛି। ବେଙ୍ଗଲ ଟାଇଗର୍ସ ୯, ତାମିଲନାଡୁ ଡ୍ରାଗନ୍ସ ୯ ଏବଂ ଲାନସର୍ସ ୭ ପଏଣ୍ଟ ପାଇଁ ଟେବୁଲରେ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନରେ ରହିଛନ୍ତି।

# ଛାଡପତ୍ର ନେଇ ଇସାରା ଦେଲେ ଚହଲ !

ନୂଆଦିଲ୍ଲୀ, ୧୦।୧: ଟିମ ଇଣ୍ଡିଆର ଖେଳାଳି ଯୁଜବେନ୍ଦ୍ର ଚହଲ ଏବଂ ଧନଶ୍ରୀ ଆଜିକାଲି ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି କିଛି ସମୟ ଧରି ଏହି ଦମ୍ପତିଙ୍କ ଅଲଗା ହେବାର ଖବର ଆସୁଛି ଦୁହେଁ ସୋସିଆଲ ମିଡିଆରେ ପରସ୍ପରକୁ ଅନଫଲୋ କରିଦେଇଛନ୍ତି କେବଳ ଏତିକି ନୁହେଁ, ଚହଲ ଇନଷ୍ଟାଗ୍ରାମରୁ



ଧନଶ୍ରୀଙ୍କ ସହ ଫଟୋ ମଧ୍ୟ ହଟାଇ ଦେଇଛନ୍ତି ଛାଡପତ୍ର ଖବର ମଧ୍ୟରେ ଚହଲ ଏକ ପୋଷ୍ଟ ସେୟାର କରିଛନ୍ତି ଯାହା ଭାଇରାଲ ହେବାରେ ଲାଗିଛି। ସେ ଲେଖିଛନ୍ତି- ମୁଁ ଜଣେ ଖେଳାଳି ହୋଇଥିବାରୁ ଗର୍ବିତ, ମୁଁ ଜଣେ ପୁଅ, ଭାଇ ଏବଂ ବନ୍ଧୁ ମଧ୍ୟ।

ଚହଲ ତାଙ୍କ ପୋଷ୍ଟରେ ଛାଡପତ୍ର ଖବର ଉପରେ ସିଧାସଳଖ ପ୍ରତିକ୍ରିୟା ଦେଇନାହାଁନ୍ତି କିନ୍ତୁ ସେ ଏପରି କିଛି ଲେଖିଛନ୍ତି ଯାହା ଛାଡପତ୍ରକୁ ସଙ୍କେତ ଦେଉଛି। ସେ ପୋଷ୍ଟରେ ଲେଖିଛନ୍ତି ଯେ ସୋସିଆଲ ମିଡିଆରେ କରାଯାଉଥିବା ଦାବି ସତ ହୋଇପାରେ କିମ୍ବା ନ ହୋଇପାରେ। ସେ ଆହୁରି କହିଛନ୍ତି, ମୁଁ ମୋର ସମସ୍ତ ପ୍ରଶଂସକଙ୍କ ପ୍ରେମ ଏବଂ ସମର୍ଥନ ପାଇଁ କୃତଜ୍ଞ, ଯାହା ବିନା ମୁଁ ଏଠାରେ ପହଞ୍ଚିପାରି ନଥାନ୍ତି। କିନ୍ତୁ ଏହି ଯାତ୍ରା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ ! କାରଣ ମୋ ଦେଶ, ମୋ ଦଳ ଏବଂ ମୋ ପ୍ରଶଂସକମାନଙ୍କ ପାଇଁ ଏବେ ବି ଅନେକ ଅବିଶ୍ୱସନୀୟ ଓଭର ବାକି ଅଛି ! ମୁଁ ଜଣେ ଖେଳାଳି ହେବା ପାଇଁ ଗର୍ବିତ, କିନ୍ତୁ ମୁଁ ଜଣେ ପୁଅ, ଭାଇ ଏବଂ ବନ୍ଧୁ ମଧ୍ୟ।

# ଗମ୍ଭୀରଙ୍କୁ ଦୋମୁହାଁ କହିଲେ ମନୋଜ ତିୱାରୀ



ନୂଆଦିଲ୍ଲୀ, ୧୦।୧: ଅଷ୍ଟ୍ରେଲିଆ। ଗସ୍ତରେ ଭାରତୀୟ ଟିମ୍ ଲଜ୍ଜାଜନକ ପରାଜୟ ହାସଲ କରିଥିଲା ଟିମ୍ ଇଣ୍ଡିଆ। ୧-୩ରେ ସିରିଜ ହାରି ଯାଇଥିଲା। ଭାରତର ଏହି ପ୍ରଦର୍ଶନକୁ ନେଇ ଏବେ ଭାରତର ପୂର୍ବ କ୍ରିକେଟର ମନୋଜ ତିୱାରୀ କଡ଼ା ସମାଲୋଚନା କରିଛନ୍ତି। ସେ ଟିମ୍‌ର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କୁ କଟାକ୍ଷ କରି ତାଙ୍କୁ ପରାଜୟର କାରଣ ବୋଲି କହିଛନ୍ତି ବିଶେଷକରି ସେ ଗମ୍ଭୀରଙ୍କୁ ଦୋମୁହାଁ କହି କ୍ରିକେଟଜଗତରେ ହଲଚଲ ସୃଷ୍ଟି କରିଛନ୍ତି ଏହାଛଡ଼ା ସେ ଗମ୍ଭୀରଙ୍କ ପାଖରୁ ଯେଉଁଭଳି କୋଚିଂ ଆଶା କରାଯାଉଥିଲା ତାହା ଦେଖିବାକୁ ମିଳୁ ନ ଥିବା ଅଭିଯୋଗ କରିଛନ୍ତି।

ଗମ୍ଭୀର ଦଳର ନେତୃ ନେବାର ୬ ମାସ ମଧ୍ୟରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି ପ୍ରଥମେ ଶ୍ରୀଲଙ୍କା ବିପକ୍ଷ ଦିନିକିଆ। ସିରିଜ ପରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଏବଂ ଅଷ୍ଟ୍ରେଲିଆରୁ ମିଳିଥିବା ସଦ୍ୟ ପରାଜୟ ପରେ ମନୋଜ ତିୱାରୀ ଗମ୍ଭୀରଙ୍କ ଉପରେ ବର୍ଷିଛନ୍ତି ସେ କହିଛନ୍ତି ଯେ, ଗମ୍ଭୀର ଦୋମୁହାଁ ସେ ଯାହା କୁହନ୍ତି ନିଜେ ତାହା କୁହନ୍ତି ନାହିଁ ରୋହିତ ଶର୍ମାଙ୍କୁ ପରାଜୟ ପରେ ଆଗକୁ ଠେଲିଦିଆଯାଇଛ। ଏଭଳି ବୋଲିଂ କୋଚ୍ ଥାଇ ଲାଭ କଣ, ଯିଏ ହେଡ୍ କୋଚ୍‌ଙ୍କ ସବୁ କଥା ମାନିନିଅନ୍ତି କେବଳ ତାଙ୍କ ହଁରେ ହଁ ମିଶାନ୍ତି ମୋର୍ନେ ମୋର୍କଲ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌ରୁ ଆସିଛନ୍ତି। ସେହିଭଳି ଅଭିଷେକ କୋଲକାତା ନାଇଟ୍ ରାଇଡର୍ସରେ ତାଙ୍କ ସହ ଥିଲେ ଗମ୍ଭୀର ଜାଣନ୍ତି ଯେ ଉଭୟ ତାଙ୍କ ବିପକ୍ଷରେ ଯିବେ ନାହିଁ।

ଏହାଛଡ଼ା ମନୋଜ ତିୱାରୀ ଗମ୍ଭୀରଙ୍କ ଉପରେ କ୍ରେଡିଟ୍ ଚୋରାଇବା ଅଭିଯୋଗ ଆଣିଛନ୍ତି ତାଙ୍କ ମୁତାବକ ଟିମ୍‌ଣ ହେଡ୍ କୋଚ୍‌ଙ୍କ ପିଆର୍ ଏଭଳି ସ୍ଥିତି ଉପୁଜାଉଛନ୍ତି, ଯାହା ଫଳରେ ତାଙ୍କୁ ପ୍ରତିଟି ସଫଳତାର କ୍ରେଡିଟ୍ ମିଳୁନାହିଁ। ଏଥିଲାଗି ତାଙ୍କୁ କୋଲକାତା ନାଇଟ୍ ରାଇଡର୍ସର ଉଦାହରଣ ଦେଇଛନ୍ତି ଗମ୍ଭୀର ଏକୁଟିଆ। କେକେଆର୍‌କୁ ଆଇପିଏଲ୍ ଜିତାଇ ନ ଥିଲେ ଆମେ ସମସ୍ତେ ଏକ ୟୁନିଟ୍ ଭଳି ପ୍ରଦର୍ଶନ କରିଛୁ ତେବେ ଯାଇ ଆମେ ଟାଇଟଲ ହାସଲ କରିଥିଲୁ। ଜ୍ୟାକ୍ସ କୈଲିସ୍, ସୁନୀଲ ନରେ ଏବଂ ମୁଁ ପ୍ରମୁଖ ଯୋଗଦାନ ଦେଇଥିଲୁ ହେଲେ ତାଙ୍କୁ କେବଳ କ୍ରେଡିଟ୍ ମିଳିଛି।

ମନୋଜ କହିଛନ୍ତି ଯେ, ରୋହିତ ଏବଂ ତାଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲିନାହିଁ। ଉଭୟଙ୍କ ମଧ୍ୟରେ ମତାନ୍ତର ଯୋଗୁ ଦଳର ସ୍ଥିତି ଠିକ୍ ନାହିଁ ଉଭୟଙ୍କ ସଫଳତାର କୌଣସି ସମାନତା ନାହିଁ ରୋହିତ ଜଣେ ବିଶ୍ୱକପ୍ ବିଜେତା ଅଧିନାୟକ ହେଲେ ଗମ୍ଭୀର କେବଳ ଆଇପିଏଲ୍ ଜିତିବା ଯାଏ ସୀମୀତ ଏଣୁ ଦୁହେଁ। ଏକାଠି କାମ କରିପାରିବେ ନାହିଁ ବୋଲି ସେ କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ